



## ମତଦାନ କରିବେ ୧୧.୫ ଲକ୍ଷ ଭୋଟର

# ଆଜି ୬୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

କଟକ, ୨୪।୫(ସମିସ)

କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ଏହା ଅନ୍ତର୍ଗତ ବଡମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଆଦି ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଆସନ୍ତାକାଲି ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଗତକାଲି ପ୍ରଚାର ଶେଷ ହୋଇଥିବା ବେଳେ ଆସନ୍ତାକାଲି ଭୋଟରମାନେ ନିର୍ଦ୍ଧାରଣ କରିବେ ୬୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ। କଟକ ଲୋକସଭା କ୍ଷେତ୍ର ପାଇଁ ୧୦ଜଣ ଓ ୬ବିଧାନସଭା କ୍ଷେତ୍ର ବଡମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦରରେ ମୋଟ ୫୯ଜଣ ନିର୍ବାଚନ ମଇଦାନରେ ରହିଛନ୍ତି। ଇଭିଏମରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନରେ ଭୋଟର ମାନେ ସେମାନଙ୍କ ମନପସନ୍ଦର ପ୍ରାର୍ଥୀ ଚୟନ କରିବେ। କଟକ ଲୋକସଭା ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲାର ଉପରୋକ୍ତ ୬ ବିଧାନସଭା ନିର୍ବାଚନମଣ୍ଡଳୀରେ ରହିଛନ୍ତି ମୋଟ ୧୧ଲକ୍ଷ ୫୨ହଜାର ୫୬୪ ଜଣ। ବଡମ୍ବାରେ ମୋଟ ୨୯୨ଟି ବୁଥ ଓ ୨, ୪୭, ୧୧୬ଜଣ ଭୋଟର ଆସନ୍ତାକାଲି ସେମାନଙ୍କ ମତ ସାବ୍ୟସ୍ତ କରିବେ। ବାଙ୍କୀରେ ୨୩୭ଟିବୁଥ ଓ ୨, ୧୮, ୯୪୧ ଭୋଟର, ଆଠଗଡ଼ରେ ୨୫୪ବୁଥ ଓ ୨, ୧୩, ୪୩୪ଭୋଟର, ବାରବାଟୀ-କଟକରେ ୨୧୬, ବୁଥ ଓ ୨, ୪୪, ୪୭୦ଭୋଟର, ଚୌଦ୍ୱାର-କଟକରେ ୨୧୨ ବୁଥ ଓ ୨, ୩୩, ୭୨୦ ଭୋଟର, କଟକ ସଦରରେ ୨୪୨ ବୁଥ ଓ ୨, ୨୮, ୫୬୪ ଭୋଟର ରହିଛନ୍ତି। ମୋଟ ୧୪୫୩ ବୁଥରେ ୧୧ଲକ୍ଷ ୫୨ହଜାର ୫୬୪ଜଣ ଭୋଟର ସେମାନଙ୍କ ମତଦାନ କରିବେ।





**କଟକ ଲୋକସଭା ସମେତ ଜିଲ୍ଲାର ୬ ବିଧାନସଭା ଆସନ ପାଇଁ ଭୋଟ ଆଜି**

**ମଇଦାନରେ ବହୁ ତୁଙ୍ଗ ନେତା**

ଏଥର ମଇଦାନରେ ବହୁ ତୁଙ୍ଗ ନେତା ସେମାନଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି। ଆଠଗଡ଼ ବିଧାନସଭା ଆସନରେ ୭ଥରର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଷ୍ଟମ ଥର ପାଇଁ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ସେହିପରି ବଡମ୍ବାରୁ ୬ଥର ବିଧାୟକ ବିଜେଡିର ହେଭିୱେଟ ନେତା ଦେବୀ ମିଶ୍ର ମଧ୍ୟ ଏଥର ଭାଗ୍ୟ ପରୀକ୍ଷା କରୁଛନ୍ତି।

କଟକ ଲୋକସଭା ଆସନରୁ କର୍ପୋରେଟର ଜଗତରୁ ଆସି ରାଜନୀତିରେ ପାଦ ଦେଇଥିବା ଡ.ସଂତୃପ୍ତ ମିଶ୍ର, କଂଗ୍ରେସର ଭେଟେରାନ ନେତା ସୁରେଶ ମହାପାତ୍ର, ବାଙ୍କୀରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର କଟକରେ ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ବୋହୂ ମୀରା ମଲ୍ଲିକ, ବିଜେପିର ନୟନ କିଶୋର ମହାନ୍ତି, କଟକ ସଦରରେ ଚନ୍ଦ୍ରସାରଥୀ ବେହେରା, ବାରବାଟୀ-କଟକରେ ପୂର୍ବତନ ବିଧାୟକ ପ୍ରକାଶ ବେହେରା, ବିଧାୟକ ମୋକିମଙ୍କ ଝିଅ ସୋଫିଆ ଫିରଦୋସ ଓ ବିଜେପିର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି। କଟକ ଲୋକସଭା ନିର୍ବାଚନ ମଣ୍ଡଳୀରେ ମୋଟ ୧୦ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। କଟକ ସଦର ବିଧାନସଭା ଆସନରେ ୪ଜଣ, ଚୌଦ୍ୱାର -କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୨ଜଣ, ବାରବାଟୀ କଟକରେ ୧୩ଜଣ, ବାଙ୍କୀରେ ୮ଜଣ ପ୍ରାର୍ଥୀ, ଆଠଗଡ଼ରେ ୧୨ଜଣ ଓ ବଡମ୍ବାରେ ୧୦ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି।

## ବହୁ ମାତ୍ରାରେ ମତଦାନ ପାଇଁ ନିବେଦନ କଲେ ପ୍ରକାଶ

**କଟକର ବିକାଶ, ବିଜୁଳି ବିଲ, ମଧ୍ୟବିତ୍ତ ପରିବାର ପାଇଁ ବିଏସ୍‌କେୱାଇ ଓ ଋଣ ରିଆତି କଥା ବିଚାରକୁ ନେବେ**



କଟକ, ୨୪।୫(ସମିସ)

ଆସନ୍ତାକାଲି ମତଦାନର ଦିନ। ଗଣତନ୍ତ୍ରର ଏହି ମହାପର୍ବରେ କଟକ ସହରବାସୀ ମତଦାନ ପକ୍ରିୟାରେ ସାମିଲ ହୋଇ ବିକାଶ ପଥେ କଟକ ପାଇଁ ଯୋଗ୍ୟ ପ୍ରାର୍ଥୀକୁ ବାଛିବା ପାଇଁ କହିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା। ମତଦାତା ନବୀନ ସରକାର କରିଥିବା ବିକାଶ ଉପରେ ବିଚାର କରି ନିଜ ମତଦାନ କରିବେ ବୋଲି ନିବେଦନ କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା। ଦୀର୍ଘ ୧ ମାସରୁ ଊର୍ଦ୍ଧ୍ୱ ଧରି ନିର୍ବାଚନ ପ୍ରଚାର ସମୟରେ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ପ୍ରତି ସମର୍ଥନର ହାର ବୃଦ୍ଧି ହୋଇଛି। ସାହି ସାହିରେ କର୍ମୀ ସମ୍ମିଳନୀ ଓ ପଦଯାତ୍ରାରେ ଶତାଧିକ ପରିମାଣରେ ଲୋକଙ୍କ ଆଶୀର୍ବାଦ ଓ ସମର୍ଥନ ମିଳିପାରିଛି ବୋଲି କହିଛନ୍ତି। ତେବେ କଟକ ଜନ୍ମ ମାଟିର ପୁଅ ବିଜେଡି ପ୍ରାର୍ଥୀ ପ୍ରକାଶଙ୍କ ଗୋଟିଏ ପ୍ରସଙ୍ଗ ସହରର ସର୍ବାଙ୍ଗୀନ ବିକାଶ। ଏହି ବିକାଶ ମଧ୍ୟରେ ରହିଛି ସିଡିଏ ଅଞ୍ଚଳର ଫ୍ରି ହୋଲ୍ଡ ସମସ୍ୟା ନିର୍ବାଚିତ ହେବାର ଶହେ ଦିନ ଭିତରେ ସମାଧାନ କରିବା। ସିଡିଏର ଡ୍ରେନେଜ୍ ଓ ସ୍ୱେରେଜ୍ ସମସ୍ୟାର ଆଧୁନିକୀକରଣ ପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ। ଆମ କଟକର ପ୍ରାୟ ୧୦, ୦୦୦ ଓ ରାଜ୍ୟରେ ପ୍ରାୟ ୩୦, ୦୦୦ ଆଇନଜୀବୀଙ୍କ ପାଇଁ ଆଡଭୋକେଟ୍ ଏକାଡେମୀ ସ୍ଥାପନ କରାଯିବ। ଏକାଡେମୀରେ ପ୍ରଶିକ୍ଷଣ ମାଧ୍ୟମରେ ଯୁବ ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି କରାଯିବ। କଟକର ଐତିହ୍ୟ, ସଂସ୍କୃତି ସହ ଜଡ଼ିତ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଓ ଦହିବରା-ଆଳୁଦମକୁ ଜିଆଇ ଟ୍ୟାଗ ପାଇଁ ପ୍ରୟାସ ଆରମ୍ଭ, ଗଡ଼ଖାଇର ପୁନରୁଦ୍ଧାର ସହ ତାହାକୁ ଆକର୍ଷଣୀୟ ଐତିହ୍ୟ ପର୍ଯ୍ୟଟନସ୍ଥଳୀର ରୂପ ଦିଆଯିବ, ଉର୍ଦ୍ଦୁ ଲାଇବ୍ରେରିର ପୁନରୁଦ୍ଧାର କରାଯିବ, କଟକର ଭୂତଳ ଜଳ ହ୍ରାସ ପାଇବା ଏକ ପ୍ରମୁଖ ସମସ୍ୟା। ଏଥିପାଇଁ ପୁରୀଘାଟ ନିକଟରେ କାଠଯୋଡ଼ିରେ ଏକ ବ୍ୟାରେଜ ନିର୍ମାଣ କରାଯିବ। କଟକ ଭାଇଚାରାର ସହର ଭାବରେ ବିଶ୍ୱ ପ୍ରସିଦ୍ଧ। ଏହି ସଂସ୍କୃତିକୁ ସମ୍ମାନ ଦେବା ପାଇଁ ସର୍ବଧର୍ମ ପ୍ରତୀକ ଭାବରେ ଏକ କମ୍ୟୁନିଟି ହଲ୍ ନିର୍ମାଣ କରାଯିବ। କଟକକୁ ଶିକ୍ଷା ଓ କ୍ରୀଡ଼ାର ପ୍ରମୁଖ ସ୍ଥାନ ଭାବରେ ଗଢିତୋଳିବା ପ୍ରମୁଖ ଲକ୍ଷ୍ୟ ବୋଲି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା କହିଛନ୍ତି। ଏଥିସହ କଟକିଆ କହି ନିଜକୁ ଗର୍ବ କରେ ବୋଲି ମଧ୍ୟ କହିଛନ୍ତି। ରାଜ୍ୟର ବିକାଶ ପଥେ ଆଗକୁ ଯିବା ସହ କଟକକୁ ଉକ୍ତ ବିକାଶ ପଥରେ ସାମିଲ କରିବା ଲାଗି ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ତାଙ୍କ ସପକ୍ଷରେ ମତଦାନ କରିବା ପାଇଁ ନିବେଦନ କରିଛନ୍ତି।

## କଟକରେ ଏଥର ମତଦାନ ହାର ବଢ଼ିବ ତ ?

**୨୦୧୪ ତୁଳନାରେ ୨୦୧୯ରେ କମିଥିଲା**

କଟକ, ୨୪।୫(ସମିସ): କଟକ ଜିଲ୍ଲାର ତିନି ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ଭୋଟଦାନ ହାର ବୃଦ୍ଧି ପାଇବ ନା ବିଗତ ନିର୍ବାଚନ ଅପେକ୍ଷା କମିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି। ଗତ ୨୦୧୪ ନିର୍ବାଚନରେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ମାତ୍ର ୫୯.୯ ପ୍ରତିଶତ ଥିଲା। ୨୦୧୯ରେ ବାରବାଟୀ-କଟକରେ ମତଦାନ ହାର ୫୬.୭୧ପ୍ରତିଶତକୁ ହ୍ରାସ ପାଇଥିଲା। ମୋଟ ୨ଲକ୍ଷ ୩୫ହଜାର ୭୯୨ଜଣ ଭୋଟରଙ୍କ ମଧ୍ୟରେ ୧ଲକ୍ଷ ୩୩ହଜାର ୭୧୮ ଜଣ ମତଦାନ କରିଥିଲେ। ବହୁ ସଂଖ୍ୟାରେ ଏହି ନିର୍ବାଚନ ମଣ୍ଡଳୀରେ ଲୋକେ ମତଦାନରୁ ଦୂରେଇ ରହିଥିଲେ। ସେହିପରି ଚୌଦ୍ୱାର-କଟକରେ ଗତ ୨୦୧୪ ନିର୍ବାଚନରେ ମତଦାନ ହାର ବାରବାଟୀ-କଟକରୁ ଅଧିକ ଥିଲା। ଏଠାରେ ଗତ ୨୦୧୪ ନିର୍ବାଚନରେ ମତଦାନ ହାର ଥିଲା ୬୨ପ୍ରତିଶତ। ୨୦୧୯ରେ ମତଦାନ ହାର ୫୯.୫୪ ପ୍ରତିଶତକୁ ହ୍ରାସ ପାଇଥିଲା। ଏଠାରେ ଏଥର ଭୋଟଦାନ ହାର ବୃଦ୍ଧି ପାଇବ ନା ନାହିଁ ତାହାକୁ ନେଇ କେତେକ ପ୍ରାର୍ଥୀ ଆଶଙ୍କା ମଧ୍ୟରେ ରହିଛନ୍ତି। ଅନ୍ୟପଟରେ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯଦିଓ ମହାନଗର ନିଗମର ଅଳ୍ପ ୱାର୍ଡ ଯାଉଛି। ଏହା ବାଦ ସମଗ୍ର ଗ୍ରାମାଞ୍ଚଳକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ଏଠାରେ ଗତ ୨୦୧୪ ନିର୍ବାଚନରେ ମତଦାନ ହାର ୭୦.୭ ପ୍ରତିଶତ ଥିଲା। ୨୦୧୯ରେ ବି ଏଠାରେ ୭୦.୫୪ ପ୍ରତିଶତ ହୋଇଥିଲା ମତଦାନ ହାର। ଚଳିତ ନିର୍ବାଚନରେ ପ୍ରାୟତଃ ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ରୁ ୮ ପ୍ରତିଶତ ଅଧିକ ନୂଆ ଭୋଟର ସୃଷ୍ଟି ହୋଇଥିଲେ। ଏହି ଅନୁସାରେ ଅଧିକ ମତଦାନ ହାର ରହିବ ବୋଲି ଆକଳନ କରାଯାଉଛି।

## ଆସାମରୁ ନିଖୋଜ ଯୁବକ ଉଦ୍ଧାର




କଟକ, ୨୪।୫(ସମିସ): ଆସାମରୁ ନିଖୋଜ ହୋଇଥିବା ଜଣେ ଯୁବକକୁ କଟକରୁ ଉଦ୍ଧାର କରାଯାଇଛି। କଟକ ରେଳ ଷ୍ଟେସନ ପରିସରରେ ବୁଲାବୁଲି କରୁଥଲା ବେଳେ ଆରପିଏଫ ତାଙ୍କୁ ଉଦ୍ଧାର କରି ପରିବାର ଜିମା ଦେଇଛି। ସୂଚନା ଅନୁସାରେ, ଗୁରୁବାର ଅପରାହ୍ନରେ ଆରପିଏଫ କର୍ମୀ ରେଳ ଷ୍ଟେସନରେ ପାଟ୍ରୋଲିଂ କରୁଥିଲା ବେଳେ ପ୍ଲାଟଫର୍ମରେ ଜଣେ ଯୁବକଙ୍କୁ ଦେଖିଥିଲେ। ଉତ୍ତର-ପୂର୍ବ ରାଜ୍ୟର ଉକ୍ତ ଯୁବକର ହାବଭାବରେ ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ପଚରାଉଚରା କରାଗଲା। ଏହାପରେ ଜଣାପଡ଼ିଥିଲା ଯେ, ଯୁବକ ଜଣକ ମାନସିକ ରୋଗୀ। ଅଧିକ ତଦନ୍ତ ପରେ ଯୁବକଙ୍କ ଘର ଆସାମ ରାଜ୍ୟର ଜୋରହାଟ ଜିଲ୍ଲାରେ ବୋଲି ଜଣାପଡ଼ିଥିଲା। ତାଙ୍କର ପରିବାର ଲୋକଙ୍କ ସହ ଯୋଗାଯୋଗ କରିବା ପରେ ସେମାନେ ଶୁକ୍ରବାର କଟକ ଆସି ପହଞ୍ଚିଥିଲେ। ଏହାପରେ ଯୁବକକୁ ତାଙ୍କ ପରିବାର ଜିମା ଦିଆଯାଇଛି। ପରିବାର ଲୋକଙ୍କ କହିବାନୁସାରେ, ଗତ ୧୯ ତାରିଖରେ ସେ ଘର ପାଖରୁ କେଉଁଆଡେ ପଳାଇଥିଲେ। ବହୁ ଖୋଜା ଖୋଜି ପରେ ସନ୍ଧାନ ନ ମିଳିବାରୁ ସ୍ଥାନୀୟ ଥାନାରେ ମିସିଂ ରିପୋର୍ଟ ରୁଜୁ ହୋଇଥିଲା।

## ୧୪ ଟନ୍ ଚୋରା କୋଇଲା ଜବତ; ଡ୍ରାଇଭର ଗିରଫ

କଟକ, ୨୪।୫(ସମିସ)




ଚୋରା କୋଇଲା ଏବଂ ରେଳବାଇ ସରଞ୍ଜାମ ବୋଝେଇ କରି ଯାଉଥିବା ଏକ ଟ୍ରକକୁ କଟକ ଆର୍‌ପିଏଫ ସ୍କ୍ୱାଡ୍ ଜବତ କରିଛି। ଏହି ଘଟଣାରେ ଟ୍ରକର ଡ୍ରାଇଭର ସାଲେପୁର ଅଞ୍ଚଳର ଖାଜେ ସଶିମୁଦ୍ଦିନ(୪୫)କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଏକ ବଡ ଚୋରା କୋଇଲା କାରବାର ରାକେଟର ସଦସ୍ୟ ବୋଲି ଜଣାପଡ଼ିଛି। ଆଜି ତାକୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

ଆରପିଏଫ୍ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ସକାଳେ ଏକ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା, ଏକ ଟ୍ରକରେ ବେଆଇନ ଭାବେ ବିପୁଳ ପରିମାଣର କୋଇଲା ଚାଲାଣ କରାଯାଉଛି। ଟ୍ରକଟି ରାଜପଥ ଦେଇ ଯାଉଥିବା ସୂଚନା ପାଇ ଆରପିଏଫ ଅଧିକାରୀ ଅନିଲ୍ ସିଂହ ସଦଳବଳେ ଯାଇ ମଙ୍ଗୁଳି ଛକରେ ଚେକିଂ ଆରମ୍ଭ କରିଥିଲେ। ସେଠାରେ ପୂର୍ବ ସୂଚନା ମୁତାବକ ଟ୍ରକ (ଓଆର-୦୪-ଏମ-୯୧୬୩) ପହଞ୍ଚିବା ପରେ ତାହାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହାପରେ ଗାଡି ଡାଲାରୁ ବିପୁଳ ପରିମାଣର କୋଇଲା ସହ ରେଳବାଇରେ ବ୍ୟବହୃତ ଏକାଧିକ ଅଧଖଣ୍ଡ ଲୁହା ସରଞ୍ଜାମ ମିଳିଥିଲା। କୋଇଲା ଚାଲାଣ ନେଇ ଡ୍ରାଇଭର ଜଣକ କୌଣସି ଦସ୍ତାବିଜ ଦେଖାଇ ପାରି ନ ଥିଲା। ପରେ ଟ୍ରକକୁ ଜବତ କରାଯିବା ସହ ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରି ପଚରାଉଚରା କରିବାରୁ ସମ୍ପୃକ୍ତ ର୍‌ୟାକେଟ୍‌ର କାରବାର ସାମ୍ନାକୁ ଆସିଥିଲା। ରାଜ୍ୟରେ ସକ୍ରିୟ ଥିବା ଏକ ଚୋରା କୋଇଲା କାରବାର ର୍‌ୟାକେଟ୍‌ର ସଦସ୍ୟମାନେ ଏହି ଚୋରି କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡ଼ିଥିଲା। ଏମାନେ ନିୟମିତ ଭାବେ ବିଭିନ୍ନ ରେଳ ଷ୍ଟେସନ ଦେଇ ଯାଉଥିବା ମାଲବାହୀ ଟ୍ରେନରୁ କୋଇଲା ଚୋରାଇଥାନ୍ତି। ଏହାକୁ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଆଣି ଜମା କରୁଥିଲେ। ବୃହତ ପରିମାଣର ଜମା ହେବା ପରେ ତାହାକୁ ଟ୍ରକରେ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ପଠାଉଥିଲେ। ଏଭଳି ଭାବେ ସେମାନେ ଚୋରା କୋଇଲା ଓ ଅନ୍ୟାନ୍ୟ କବାଡିଆ ସାମଗ୍ରୀ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିଲେ। ସମାନ ଶୈଳୀରେ ଗଲା କିଛି ଦିନ ତଳେ ଏହି ଗ୍ୟାଙ୍ଗର ସଦସ୍ୟ ଭଦ୍ରକ-ଧାମରା ଷ୍ଟେସନରୁ କୋଇଲା ସହ ରେଳବାଇ ସରଞ୍ଜାମ ଚୋରାଇ ନେଇଥିଲେ। ଏନେଇ ଗତ ୧୩ ତାରିଖରେ କଟକ ଆରପିଏଫ ପୋଷ୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରଠୁ ଅଭିଯୁକ୍ତଙ୍କୁ ଧରିବା ଲାଗି ଆରପିଏଫର ସ୍ୱତନ୍ତ୍ର ଟିମ ତଦନ୍ତ ଜାରି ରଖିଥିଲା। କ୍ରମେ ଚୋରା କୋଇଲା ଓ ୨ ଟନର ରେଳବାଇ ସାମଗ୍ରୀ ସହ ଅଭିଯୁକ୍ତ ଡ୍ରାଇଭର ଗିରଫ ହୋଇଛି। ଜବତ କୋଇଲାର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ହେବ। ଏହାକୁ ସେ ଅନୁଗୁଳ ନେଇ ଯାଉଥିବା ଜଣାପଡ଼ିଛି। ଏହି ର୍‌ୟାକେଟ୍‌ରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ଆରପିଏଫ ଅଧିକାରୀ ଶ୍ରୀ ସିଂହ ସୂଚନା ଦେଇଛନ୍ତି।

## ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର

କଟକ, ୨୪।୫(ସମିସ): ମିଶନରୋଡ୍‌ସ୍ଥିତ ଷ୍ଟିୱାର୍ଟ ସ୍କୁଲ ଖେଳ ପଡ଼ିଆରେ କଟକ ସ୍କୁଲ ହକି କ୍ଲବ୍ ପକ୍ଷରୁ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହେଉଥିବା ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ହକି ଖେଳାଳି ଶ୍ରୀମନ୍ତ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ହକି ଖେଳର ମହତ୍ତ୍ୱ ବିଷୟରେ କହିଥିଲେ। ସମ୍ମାନୀୟ ଅତିଥି ଭାବେ ଆଇଆର୍‌ଏସ୍ ବିଶ୍ୱରଞ୍ଜନ ସାସମଲ୍, ଷ୍ଟିୱାର୍ଟ ସ୍କୁଲ କଟକର ସମ୍ପାଦକ ଆଇନଜୀବୀ ବିକ୍ରମ୍.ଏନ୍ ଆଡାମସ୍, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ, କଟକ ଡାୟୋସିସ୍‌ର କାର୍ଯ୍ୟକାରୀ ସମ୍ପାଦକ ସତ୍ୟରଞ୍ଜନ ଦାସ, ଷ୍ଟିୱାର୍ଟ ସ୍କୁଲର ଅଧକ୍ଷା ଡି ମାର୍ଟିନା, ନ୍ୟୁ ଷ୍ଟିୱାର୍ଟ ସ୍କୁଲର ଅଧକ୍ଷା ରେଭରେଣ୍ଡ ଡିକେନ୍ ମୋଯେଶ୍ ମହାନ୍ତି, ବକ୍ସି ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାଗରିକା ମହାନ୍ତି ଓ ହକି କୋଚ୍ ରଞ୍ଜନ କୁମାର ଦାସ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଶିବିରରେ ପ୍ରଶିକ୍ଷକ ଭାବେ ଏସ୍.କେ ମୋମିମ୍, ନିରଞ୍ଜନ ଗୌଡ, ଏସ୍‌ଏଏ ଫାଇମ୍ ଓ ଏସ୍.କେ ଆଶିଷ ବକ୍ସ ଛାତ୍ରଛାତ୍ରୀମାନଙ୍କୁ ତାଲିମ୍ ଦେଇଥିଲେ। କଟକ ସ୍କୁଲ ହକି କ୍ଲବ୍‌ର ସଂଯୋଜକ ରେଭରେଣ୍ଡ ଏଫ୍. ସି ନର୍ଥ ପ୍ରାରମ୍ଭିକ ସୂଚନା ଦେଇଥିଲେ।



**ଆଜି ସାଧାରଣ ନିର୍ବାଚନ**

## ପିଙ୍କ୍-ବୁଥ୍ ପରିବର୍ତ୍ତେ ଏଥର 'ସଖୀ-ବୁଥ୍'

କଟକ, ୨୪।୫(ସମିସ)




**୧୯ଟି ଥାନାରେ ଶେଷ ହେଲା ଫ୍ଲାଗ୍‌ମାର୍ଚ୍ଚ**

**୧୦୬ ସଖୀ-ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ହେବ ମତଦାନ**

**ସେଲ୍‌ଫି' ଜୋନ୍ ସାଙ୍ଗକୁ ଅତ୍ୟାଧୁନିକ ପ୍ରତୀକ୍ଷା କେନ୍ଦ୍ର**

ଚଳିତ ନିର୍ବାଚନରେ ପିଙ୍କ୍ ବୁଥ୍ ବଦଳରେ ଖୋଲା ଯାଇଛି ସଖୀ ବୁଥ୍। କଟକ ଯୁପିଡି ଅଧିନରେ ଆସୁଥିବା ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ମୋଟ୍ ୧୦୬ଟି ସଖୀ ବୁଥ୍ ପ୍ରତିଷ୍ଠା କରାଯାଇଛି। ଅନ୍ୟ ବୁଥ୍ ତୁଳନାରେ ଏହି ବୁଥ୍ ଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ବିଶେଷଃ କରି ସଖୀ-ବୁଥ୍‌ର ସୁରକ୍ଷା ଦାୟିତ୍ୱରେ ମହିଳା ପୁଲିସ ଅଧିକାରୀମାନେ ରହିଛନ୍ତି। ଏଠାରେ ପୁରୁଷ କର୍ମଚାରୀଙ୍କୁ ଦାୟିତ୍ୱରେ ରଖାଯାଇ ନାହିଁ। କିନ୍ତୁ ଏଠାରେ ପୁରୁଷମାନେ ଚାହିଁଲେ ମତଦାନ କରି ପାରିବେ ବୋଲି ଜଣାପଡ଼ିଛି। ସଖୀ-ବୁଥ୍‌ରେ ମହିଳା ପ୍ରିଜାଇଡ଼ିଂ ଅଫିସର, ଫାଷ୍ଟ ପୁଲିଂ, ସେକେଣ୍ଡ ପୁଲିଂ, ଥାର୍ଡ ପୁଲିଂ ଅଫସର୍ ଓ ସୁରକ୍ଷା କର୍ମୀ ନିୟୋଜିତ ରହିଛନ୍ତି। ତେବେ କମିଶନରେଟ୍ ପୁଲିସ ସ୍ୱତନ୍ତ୍ର ଭାବେ ଏହି ବୁଥ୍ ଉପରେ ନଜର ରଖିଥିବା ଡିସିପି ପ୍ରକାଶ୍ ଆର୍ ସୂଚନା ଦେଇଛନ୍ତି। ପ୍ରତି ସଖୀ-ବୁଥ୍‌ରେ ଏକ ସେଲ୍‌ଫି' ଜୋନ୍ ରଖାଯାଇଥିବା ବେଳେ ଅତ୍ୟାଧୁନିକ ପ୍ରତିକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ମତଦାନ କରିବାକୁ ଆସୁଥିବା ଭୋଟର୍‌ମାନେ ବୁଥ୍‌ରେ ଭିଡଥିଲେ ସମ୍ପୃକ୍ତ ପ୍ରତୀକ୍ଷା କେନ୍ଦ୍ରରେ ଅପେକ୍ଷା କରିବ। ଏହା ପରେ ସେମାନେ ସୁଚାରୁରୂପେ ନିଜର ମତଦାନ କରିବାର ବ୍ୟବସ୍ଥା ହୋଇଛି। କଟକ ସହରରେ ୨ଟି ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରେଭେନ୍ସା କଲିଜିଏଟ୍ ସ୍କୁଲ ଏବଂ ସିଡିଏ ଡିଏଭିରେ ଦିବ୍ୟାଙ୍ଗମାନେ ଭୋଟ ଦେଇ ପାରିବେ।

ଆଜି କମିଶନରେଟ୍ ପୁଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଡିସିପି ପ୍ରକାଶ.ଆର୍ ଅଧକ୍ଷତା କରି କହିଲେ ଯେ, ୬୨୭ଟି ବୁଥ୍‌କୁ କଡା ସୁରକ୍ଷା ବଳୟରେ ରଖାଯାଇଛି। ୧୦୬ଟି ସଖୀ-ବୁଥ୍‌ରେ ମହିଳା ପୁଲିସ ନିୟୋଜିତ ହୋଇଛନ୍ତି। କଟକ ଯୁପିଡିରେ ଥିବା ସମସ୍ତ ବୁଥ୍‌ର ସୁରକ୍ଷା ଦାୟିତ୍ୱରେ ଡିସିପିଙ୍କ ସମେତ ୪ଜଣ ଏଡିସିପି, ୧୦ଜଣ ଏସିପି, ୨୬ ଇନ୍ସପେକ୍ଟର, ୧୭୨ ଏସ୍‌ଆଇ/ଏଏସଆଇ, ୬୬୪ଜଣ ଏପିଆର୍/ ଓଆର୍/ଓଏପିଏଫ୍, ୩୩୦ଏଚ୍‌ଜିଏସ୍ ଓ ୨୪ସେକ୍ସସନ୍ ଓଏସ୍‌ଏଫ୍‌ଇଙ୍କ ସହିତ ୮କମ୍ପାନୀ ସିଆର୍‌ପିଏଫ୍ ରହିଛନ୍ତି। ୫୩ଟି ମୋବାଇଲ୍ ପାଟ୍ରୋଲିଂ ୟୁନିଟ୍, ୧୯ଟି ସେକ୍ଟର୍ ମୋବାଇଲ୍ ୟୁନିଟ୍, ୧୯ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍, ୧୯ଟି ଏସଏସଟିଏସ୍ ୟୁନିଟ୍ ଏବଂ ୯ଟି ଭିଏସ୍‌ଟି ୟୁନିଟ୍‌ଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଆଜି ୧୯ଟି ଥାନାରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ସାଧାରଣ ଭୋଟରମାନେ ନିର୍ଭୟରେ କେଉଁଭଳି ଭାବେ ମତଦାନକେନ୍ଦ୍ରକୁ ଯାଇ ନିଜର ମତସାବ୍ୟସ୍ତ କରିବେ, ତାହା ଉପରେ ପୁଲିସ ଗୁରୁତ୍ୱ ଦେଇଛି। ସେହିପରି ବର୍ଡର ଚେକିଂକୁ ପୁଲିସ ଆଜି କଡାକଡି କରିଛି। ଜଗତପୁର ପୁଲିସ ଷ୍ଟେସନ୍, ଚୌଦ୍ୱାର ପୁଲିସ ଷ୍ଟେସନ୍, ସଦର ପୁଲିସ ଷ୍ଟେସନ୍, କନ୍ଦରପୁର ପୁଲିସ ଷ୍ଟେସନ୍ ଏବଂ ବାରଙ୍ଗ ପୁଲିସ ଷ୍ଟେସନ୍ ପକ୍ଷରୁ ବର୍ଡର ଚେକିଂ ଜାରି ରହିଥିବା ଏଡିସିପି ଅନିଲ୍ କୁମାର ମିଶ୍ର ସୂଚନା ଦେଇଛନ୍ତି। କଟକ ଯୁପିଡି ଅଧିନରେ ଥିବା ସମସ୍ତ ଭୋଟର ନିର୍ଭୟରେ ମତଦାନ କେନ୍ଦ୍ର ଯାଇ ମତସାବ୍ୟସ୍ତ କରିବାକୁ ଡିସିପି ଆଜିର ବୈଠକରେ ନିବେଦନ କରିଛନ୍ତି।

ଅନ୍ୟପଟେ ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ୬୦ ପ୍ରତିଶତ ବୁଥରେ ୱେବ୍‌କାଷ୍ଟିଂ ବ୍ୟବସ୍ଥାକୁ ଆଜି ଠାରୁ ଲାଇଭ୍ ଚେକ୍ କରାଯାଇଛି। ବିଭିନ୍ନ ବୁଥ୍‌ରେ ସିସିଟିଭି ଲଗାଯିବା ସହ ମାଇକ୍ରୋ ଅବଜରଭରମାନେ ଲାଇଭ୍ ଚେକିଂ ସମୟରେ ଉପସ୍ଥିତ ରହିଥିଲେ। ଚୋରା ନିଶା କାରବାର ରୋକିବା ଓ ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳକାରୀଙ୍କ ଉପରେ ଦୃଷ୍ଟି ଦେବାକୁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପାଟ୍ରୋଲିଂ ଭ୍ୟାନ୍ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ରହିଛି। କଟକ ଲୋକସଭା ସଂସଦୀୟ କ୍ଷେତ୍ରରେ ଆସୁଥିବା ୭ଟି ନିର୍ବାଚନ ମଣ୍ଡଳୀର ୭୨୨ବୁଥ୍ ଉପରେ ପୁଲିସର ନଜର ରହିଥିବା ବେଳେ ସ୍ୱତନ୍ତ୍ର ସୁରକ୍ଷା ବଳୟରେ ୧୨୫ଟି ସମ୍ବେଦନଶୀଳ ବୁଥ୍ ରହିଛି। ଏ ସମସ୍ତ ବୁଥ୍‌ର କାର୍ଯ୍ୟକଳାପକୁ ସିସିଟିଭି ସର୍ଭେଲାନ୍ସରେ ରଖାଯାଇଛି। ଆଜି ସମସ୍ତ ସିସିଟିଭି ବ୍ୟବସ୍ଥାକୁ ଲାଇଭ୍ ଯାଞ୍ଚ ହୋଇଥିବା ଜଣାପଡ଼ିଛି।

## କେଣ୍ଟାଳ ପଞ୍ଚାୟତରେ ମିଶ୍ରଣ ପର୍ବ



ନିଶ୍ଚିନ୍ତକୋଇଲି, ୨୪।୫(ସମିସ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଣ୍ଟାଳ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ସାହୁ ଏବଂ ପୂର୍ବତନ ସରପଞ୍ଚ ଅନ୍ନଦାପ୍ରସାଦ ନାୟକଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ ଅନ୍ୟଦଳର କର୍ମୀମାନେ ବିଜେଡିର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ସରପଞ୍ଚ ତୃପ୍ତିମୟୀ ନାୟକଙ୍କ ପୌରୋହିତ୍ୟରେ ଏଥିରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଅନ୍ୟଦଳର କର୍ମୀଙ୍କୁ ବିଜେଡିର ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜୁ ଜନତା ଦଳରେ ମିଶାଇ ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ। ଏହି ପଞ୍ଚାୟତରେ ବିଜେଡିର ସଂଗଠନ ମଜବୁତ୍ ହେବା ସହିତ ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବା ସହ ଚଳିତ ନିର୍ବାଚନରେ ଏହି ପଞ୍ଚାୟତରୁ ବିଜେଡି ପ୍ରାର୍ଥୀମାନେ ଅଧିକରୁ ଅଧିକ ସଂଖ୍ୟାରେ ଭୋଟ ପାଇବେ ବୋଲି ପ୍ରକାଶ କରିଥିଲେ।

## ମାହାଙ୍ଗା ଯାଦବ ଉନ୍ନୟନ ପରିଷଦ ପକ୍ଷରୁ ବିଜେଡିକୁ ସମର୍ଥନ



ମାହାଙ୍ଗା, ୨୪।୫(ସମିସ): କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦ ମାହାଙ୍ଗା ଆନୁକୂଲ୍ୟରେ ମାହାଙ୍ଗା ସ୍ଥିତ ଚୌଧୁରୀ ମେଲା ଦୁର୍ଗାମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କାର୍ତ୍ତିକ ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଯାଦବ ସମାଜର ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରତାପ ଜେନାଙ୍କୁ ଧନ୍ୟବାଦ ଜଣାଇଥିଲେ। ନବୀନ ସରକାର ଯାଦବ ସମାଜର ଉନ୍ନତି ଓ ଆମ ସମାଜକୁ ଆଗକୁ ନେବାରେ ସହଯୋଗ କରିଥିବାରୁ ଆମେ ତାଙ୍କ ସହ ରହିବୁ ବୋଲି କହିଥିଲେ। ସେହିପରି ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କୁ ଯାଦବ ସମାଜ ତରଫରୁ ବିପୁଳ ସମର୍ଥନ ମିଳିବା ନେଇ ସୂଚନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଯାଦବ ଉନ୍ନୟନ ପରିଷଦର ସମ୍ପାଦକ ରବି ଦାସ, ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର ନାରାୟଣ ଦାସ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାସ, ରାମଚନ୍ଦ୍ର ପରିଡ଼ା, ଅକ୍ଷୟ ପଲାଇ, ଗୌରାଙ୍ଗ ଚରଣ ଦାସ, କିଶୋରେ ପଲାଇ, ଉଦୟଭାନୁ ଦାସ, ବିଷ୍ଣୁ ପ୍ରସାଦ ପରିଡ଼ା, ଦିଲ୍ଲୀପ ଦାସ, ଡମ୍ବରୁଧର ପରିଡ଼ା, ରସାନନ୍ଦ ବାରିକଙ୍କ ସମେତ ଯାଦବ ସମାଜର ସଦସ୍ୟ ଉପସ୍ଥିତ ଥିଲେ।

## ଶାରଦାଙ୍କ ବିଶାଳ ମହିଳା ସମାବେଶ

ମାହାଙ୍ଗା, ୨୪।୫(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜବାହାରଲାଲ ନେହେରୁ କଲେଜ ପଡ଼ିଆରେ ଆଜି ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ସ୍ୱାଧୀନ ପାର୍ଥି ଶାରଦା ପ୍ରଧାନ ଯୋଗଦେଇ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଓ ବିଭିନ୍ନ ଗୋଷ୍ଠୀ ଗଠନ କରି କିପରି ସେମାନେ ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିବା ସହ ଚଳିତ ନିର୍ବାଚନରେ ତାଙ୍କୁ ମାଠିଆ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଉପସ୍ଥିତ ହଜାର ହଜାର ମହିଳା କର୍ମୀଙ୍କୁ ନିବେଦନ କରିଥିଲେ। ଏହି ସମାବେଶରେ ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ରଞ୍ଜିତା ବିଶ୍ୱାଳ, ସଂଯୁକ୍ତା ନାୟକ, ଗୀତାଞ୍ଜଳି ସ୍ୱାଇଁ, ଲିଲି ସେଠୀ, ଗଙ୍ଗୁ ଦେହୁରୀ, ସୁକାନ୍ତି ଦାସ, ମଞ୍ଜୁଲତା ମିଶ୍ର, ସୁଚିତ୍ରନାଥ ଶର୍ମା, ଅବନ୍ତୀ ଜେନାଙ୍କ ସମେତ ବହୁ ମହିଳା କର୍ମୀ ଉପସ୍ଥିତ ଥିଲେ।



## ବାଙ୍କୀ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ଆଜି

# ୨୩୭ଟି ବୁଥ୍‌ରେ ମତଦାନ କରିବେ ୨.୧୮ ଲକ୍ଷ ଭୋଟର୍

ବାଙ୍କୀ, ୨୪।୫(ସମିସ)






ଆସନ୍ତାକାଲି ରାଜ୍ୟରେ ହେବ ତୃତୀୟ ପର୍ଯ୍ୟାୟ ମତଦାନ। ବାଙ୍କୀ ନିର୍ବାଚନ ମଣ୍ଡଳିରେ ଜନସାଧାରଣ ଗଣତନ୍ତ୍ରର ମହାପର୍ବ ନିର୍ବାଚନର ପର୍ବରେ ସାମିଲ ହୋଇ ନିଜର ମତଦାନ ସାବସ୍ତ କରିବା ସହ ନିଜର ଜନପ୍ରତିନିଧିଙ୍କୁ ଚୟନ କରିବେ। ଏଥି ନିମନ୍ତେ ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମସ୍ତ ପୁଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଫିସରମାନେ ଇଭିଏମ୍ ମେସିନ୍ ଓ ଅନ୍ୟାନ୍ୟ ଦସ୍ତାବିଜମାନ ନେଇ ନିଜର ବୁଥ୍‌କୁ ପ୍ରସ୍ଥାନ କରିଛନ୍ତି। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଡିସପର୍ସଲ୍ ସେଣ୍ଟରରେ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ୨୩ଟି କାଉଣ୍ଟର, ୧ଟି ରିଜର୍ଭ କାଉଣ୍ଟର, ପୁଲିସ, ଫାଷ୍ଟଏଡ୍ ସେଣ୍ଟର, ମିଡିଆ ସେଣ୍ଟର ଆଦିର ବ୍ୟବସ୍ଥା କରାଯାଇଥିଲା। ପ୍ରକାଶଯୋଗ୍ୟ ବାଙ୍କୀ ନିର୍ବାଚନ ମଣ୍ଡଳିରେ ୨୩୭ଟି ପୁଲିଂ ବୁଥ୍‌ରେ ଭୋଟ ଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରୁ ୩୭ଟି ଆଦର୍ଶ ମତଦାନ କେନ୍ଦ୍ର ଥିବା ବେଳେ ସେଥିରେ ୨୫ଟି ସଖି ବୁଥ ରଖାଯାଇଛି। ୨ଟି ବୁଥ ଯୁବକଙ୍କ ଦ୍ୱାରା ପରିଚାଳିତ କରାଯିବ। ନିର୍ବାଚନ ମଣ୍ଡଳିରେ ସର୍ବମୋଟ ୨ ଲକ୍ଷ ୧୮ ହଜାର ୯୪୧ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ୧ଲକ୍ଷ ୧୩ହଜାର ୬୬୧ ପୁରୁଷ ଭୋଟର ଓ ୧ଲକ୍ଷ ୫ହଜାର ୨୭୦ଜଣ ମହିଳା ଏବଂ ୧୦ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରାଯିବା ପାଇଁ ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବାଙ୍କୀ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରକାଶ କରିଛନ୍ତି।

■ କଟକ ସଦର ବିଧାନସଭା ଆସନ

## ଆଜି ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଫୁଲନଖରା, ୨୪।୫(ସମିସ)

ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସପ୍ତଦଶତମ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ବିଧାନସଭା ନିର୍ବାଚନ ରଣାଙ୍ଗନର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଅବସରରେ କଟକ ସଦର ସଂରକ୍ଷିତ ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ରାଜନୈତିକ ଦଳର ୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି। କଟକ ସଦର ନିର୍ବାଚନ ମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ଭାବରେ ବିଜେଡି ଦଳ ପକ୍ଷରୁ ଚନ୍ଦ୍ରସାରଥି ବେହେରା, ବିଜେପି ଦଳ ପକ୍ଷରୁ ପ୍ରକାଶ ଚନ୍ଦ୍ର ସେଠୀ ଓ ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ରାମଚନ୍ଦ୍ର ଗୋଚ୍ଛାୟତ ନିର୍ବାଚନ ଲଢୁଛନ୍ତି। କଟକ ସଦର ବ୍ଲକର ୨୩ଟି ପଞ୍ଚାୟତ, ନିଶ୍ଚିତକୋଇଲି ବ୍ଲକର ୧୪ଟି ପଞ୍ଚାୟତ ଓ କଟକ ମହାନଗର ନିଗମର ୬ଟି ୱାର୍ଡକୁ ନେଇ କଟକ ସଦର ନିର୍ବାଚନ ମଣ୍ଡଳୀ ଗଠିତ। ଏହି ନିର୍ବାଚନ ମଣ୍ଡଳୀରେ ସର୍ବମୋଟ ମତଦାତାଙ୍କ ସଂଖ୍ୟା ୨ଲକ୍ଷ ୨୮ହଜାର ୫ଶହ ୬୪ ମଧ୍ୟରୁ ପୁରୁଷ ଭୋଟର ୧ଲକ୍ଷ ୧୬ହଜାର ୬ଶହ ୯୦ ହୋଇଥିବା ବେଳେ ମହିଳା ଭେଟରଙ୍କ ସଂଖ୍ୟା ୧ଲକ୍ଷ ୧୧ହଜାର ୮ଶହ୫୨ଜଣ ଏବଂ ୨୨ଜଣ ଅନ୍ୟାନ୍ୟ। ଏହି ମତଦାତା ମାନେ ମାନେ ୨୪୨ଟି ମତଦାନ କେନ୍ଦ୍ରରେ ନିଜର ମତଦାନ କରିବେ। ଏହି ନିର୍ବାଚନ ମଣ୍ଡଳୀରେ ୪୨ଟି ମଡେଲ୍ ବୁଥ୍ ମଧ୍ୟରୁ ୪୦ଟି ସଖି ବୁଥ୍, ୨ଟି ଯୁବବର୍ଗ ବୁଥ୍ ରହିଛି। ସେଥିମଧ୍ୟରୁ ୧୧୨ଟି ବୁଥ୍‌କୁ ଉତ୍ତେଜନାପ୍ରବଣ ମତଦାନ କେନ୍ଦ୍ର ଭାବରେ ଘୋଷଣା କରାଯାଇଛି ଏବଂ ଏହି ବୁଥ୍ ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସିଆର୍‌ପି ପୁଲିସ ବାହିନୀକୁ ନିଯୁକ୍ତି କରାଯାଇଛି।

## ଆଠଗଡ଼ରେ ୧୫୩ ଏବଂ ବଡମ୍ବାର ୧୫୭ ବୁଥରେ ମତଦାନର ସିଧାପ୍ରସାରଣ

ଆଠଗଡ଼, ୨୪।୫(ସମିସ)

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୮୯- ଆଠଗଡ଼ ଏବଂ ୮୭- ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ୩୧୦ଟି ବୁଥରେ ମତଦାନର ସିଧା ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ୮୯- ଆଠଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଆଠଗଡ଼ ବ୍ଲକରେ ୧୪୩ ଟି ବୁଥ, ତିଗିରିଆ ବ୍ଲକର ୭୨ଟି ବୁଥ, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୪ଟି ବୁଥ, ଏବଂ ଟାଙ୍ଗୀ ବ୍ଲକର ୨୫ଟି ବୁଥ ରହିଛି। ସେହିପରି ୮୭- ବଡ଼ମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀର ବଡ଼ମ୍ବା ବ୍ଲକର ୧୩୬ଟି ବୁଥ ଏବଂ ନରସିଂହପୁର ବ୍ଲକର ୧୫୬ଟି ବୁଥରେ ମତଦାନ କରାଯିବ। ଅନ୍ୟ ପକ୍ଷରେ ୮୯- ଆଠଗଡ଼ ନିର୍ବାଚନ ମଣ୍ଡଳୀର ସମୁଦାୟ ୨୧୩୪୩୪ ଭୋଟରଙ୍କ ମଧ୍ୟରେ ୧୦୯୪୪୦ ପୁରୁଷ, ୧୦୩୯୮୪ ଜଣ ମହିଳା ଏବଂ ୧୦ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ସେହିପରି ୮୭- ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ସମୁଦାୟ ୨୪୭୧୧୬ ଜଣ ଭୋଟରଙ୍କ ମଧ୍ୟରେ ୧୨୯୬୯୨ ଜଣ ପୁରୁଷ, ୧୧୭୪୦୨ ଜଣ ମହିଳା ଏବଂ ୨୨ ଜଣ ତୃତୀୟ ଲିଙ୍ଗ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରିଚାଳନା ପାଇଁ ୩୨୭୬ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହାର ତଦାରଖ କରିବା ପାଇଁ ଆଠଗଡ଼ ପାଇଁ ୨୫ ଏବଂ ବଡ଼ମ୍ବା ପାଇଁ ୨୯ ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ଏହି ଦୁଇ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ୨୫୨ ବୁଥ ମଧ୍ୟରୁ ୩୪ଟି ଏବଂ ବଡମ୍ବା ନିର୍ବାଚନ ମଣ୍ଡଳୀର ୨୯୨ ବୁଥ ମଧ୍ୟରୁ ୩୦ଟି ଉତ୍ତେଜନା ପ୍ରବଣ ବୁଥ ଭାବରେ ଚିହ୍ନଟ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଟକ ଗ୍ରାମାଞ୍ଚଳ ପୁଲିସ ସହିତ ୭ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିଯୁକ୍ତ ହୋଇଛନ୍ତି। ଆଠଗଡ଼ ଉପଖଣ୍ଡରେ ଦୁଇଟି ନିର୍ବାଚନ ମଣ୍ଡଳୀ ଥିବା ବେଳେ ଏଠାରେ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୌଣସି ଅଧିକାରୀ କିମ୍ବା କର୍ମଚାରୀ ନ ଥିବା ଯୋଗୁଁ ଚଳିତ ସାଧାରଣ ନିର୍ବାଚନରେ ତଥ୍ୟ ମିଳିପାରୁନାହିଁ। ଏ ବାବଦରେ ଜିଲ୍ଲା ନିର୍ବାଚନ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## କ୍ଷୀରେଶ୍ୱର ମହାଦେବଙ୍କ ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି



ନିଶ୍ଚିନ୍ତକୋଇଲି, ୨୪।୫(ସମିସ)

କେନ୍ଦୁପାଟଣା ପଞ୍ଚାୟତ ନଟରା ଗ୍ରାମ ସ୍ଥିତ କ୍ଷୀରେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ଅଷ୍ଟାଦଶତମ ବାର୍ଷିକ ରୁଦ୍ର ମହାଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇ ବୁଧବାର ପୂର୍ଣ୍ଣାହୁତି ହୋଇଛି। ରବିବାର ସନ୍ଧ୍ୟାରେ ଅଙ୍କୁରାରୋପଣ ପରେ ପବିତ୍ର ଚିତ୍ରୋତ୍ପଳା ନଦୀ ବରୁଣେଇ ଘାଟରୁ ପାଣି ତୋଳାଯାଇ କଳସ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ଯଥାରୀତି ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା, ଗୋପୂଜା, ମଣ୍ଡଳାଦି ପୂଜା, ଅଗ୍ନି ସ୍ଥାପନ ଓ ଯଜ୍ଞ କାର୍ଯ୍ୟ କରାଯାଇଥିଲା। ପଣ୍ଡିତ ଗୁରୁପ୍ରସାଦ ଦାଶ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରତ୍ୟହ ଯଜ୍ଞ ଓ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ କର୍ତ୍ତା ଭାବେ ସମାଜସେବୀ ରବୀନ୍ଦ୍ର କୁମାର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ସନ୍ଧ୍ୟା ସାହୁ କାର୍ଯ୍ୟଭାର ତୁଲାଇଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚକ ଅରକ୍ଷିତ ଓଝା ଓ ପଞ୍ଚାନନ ଓଝାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା ବେଳେ ପୂର୍ଣ୍ଣାହୂତିରେ ପଞ୍ଚସଖା ଧାନକୁଦ ପୀଠର ପୀଠାଧୀସ ଆଚାର୍ଯ୍ୟ ପ୍ରେମସାଗର ବାବା ଅରକ୍ଷିତ ଦାସ ଜୀ ମହାରାଜ ଯୋଗଦେଇ ସନାତନ ଧର୍ମ, ଜଗନ୍ନାଥ ସଂସ୍କୃତି ଏବଂ ଭବିଷ୍ୟତ ମାଳିକା ଉପରେ ଆଲୋଚନା କରିଥିଲେ। ଶ୍ରୀ ଶ୍ରୀ କ୍ଷୀରେଶ୍ୱର ରୁଦ୍ର ମହାଯଜ୍ଞ ପରିଚାଳନା କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଧୀକୁଦରେ ବୁଦ୍ଧଦେବଙ୍କୁ ଦୀପଦାନ

ଚୌଦ୍ୱାର, ୨୪।୫(ସମିସ)

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଚୌଦ୍ୱାରସ୍ଥିତ ବୁଦ୍ଧଦେବଙ୍କ ସମାଧୀ କୁହାଯାଉଥିବା ବଧୀ କୁଦରେ ଦୀପ ଓ ଧୂପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅପରାହ୍ଣରେ ଅଞ୍ଚଳର ବହୁ ସଂଖ୍ୟକ ଲୋକ ବଧୀ କୁଦରେ ପହଞ୍ଚି ପ୍ରାର୍ଥନା କରିବା ସହିତ ଭଗବାନ ବୁଦ୍ଧଙ୍କ ଉଦ୍ଦେଶ୍ୟରେ ଦୀପ ଓ ଧୂପଦାନ କରିଥିଲେ। ଚୌଦ୍ୱାର ପ୍ରେସକ୍ଲବ୍ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଗଙ୍ଗାଧର ସାହୁ, କ୍ଲବ୍ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ମହେନ୍ଦ୍ର କୁମାର ବିଶ୍ୱାଳ, ଆଶୁତୋଷ ଦାସ, ପ୍ରକାଶ ନାୟକ, ଅଜିତ କୁମାର ସ୍ୱାଇଁ, ସସ୍ମିତା ବିଶ୍ୱାଳ, ପ୍ରବେଶ ଭୂୟାଁଙ୍କ ସମେତ ବହୁ ଶ୍ରଦ୍ଧାଳୁ କୁଦରେ ବୁଦ୍ଧଦେବଙ୍କୁ ପ୍ରାର୍ଥନା କରି ଦୀପଦାନ କରିଥିଲେ।



## ଜିଲ୍ଲାରେ ଖରିଫ ଚାଷ ପାଇଁ ବିହନ ଯୋଗାଣ ଆରମ୍ଭ

# ଏଥର ୮ ହଜାର କ୍ୱିଣ୍ଟାଲ ବିକ୍ରି ଲକ୍ଷ୍ୟ

କଟକ, ୨୪।୫(ସମିସ)



କଟକ ଜିଲ୍ଲା ଏକ କୃଷିପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏବେ ଖରିଫ ଧାନ ଚାଷ ପାଇଁ ବିହନ ଯୋଗାଣ ଆରମ୍ଭ ହୋଇଛି। ଆଜି ସୁଦ୍ଧା ଚାଷୀ ମାନଙ୍କୁ ବିହନ ଯୋଗାଣ କରାଯିବା ପାଇଁ ଜିଲ୍ଲାର ବିଭିନ୍ନ ପାକ୍ସ (ସମବାୟ ସମିତି)କୁ ପ୍ରାୟ ୨୫୦୦କ୍ୱିଣ୍ଟାଲରୁ ଅଧିକ ବିହନ ବିତରଣ ସହ ବିକ୍ରି ହୋଇଛି ବୋଲି କହିଛନ୍ତି ବିହନ ଉତ୍ପାଦନ ଅଧିକାରୀ। ମିଳିଥିବା ସୂଚନାନୁସାରେ ଜିଲ୍ଲାର ୧୪ଗୋଟି ବ୍ଲକରେ ଚାଷୀ ମାନଙ୍କୁ ପ୍ରାୟ ୧୮୦ଟି ପାକ୍ସ ସମେତ ୨୫ଜଣ ଘରୋଇ ଡିଲରଙ୍କ ସହାୟତାରେ ଏହି ବିହନ ଯୋଗାଣ କରାଯିବ। କଟକ ଜିଲ୍ଲାରେ ସାରଳା, କଳାଚମ୍ପା ଓ ପୂଜା କିସମର ଧାନ ବିହନର ସର୍ବାଧିକ ଚାହିଦା ରହିଆସିଛି ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏହା ବାଦଇନ୍ଦ୍ର, ଏମଟିୟୁ-୧୦୭୫, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବୱାନ ଆଦି କିସମର ଧାନ ବିହନ ଚାଷୀଙ୍କୁ ଯୋଗାଣ କରାଯାଉଥିବା କୁହାଯାଇଛି। ଜିଲ୍ଲାରେ ପ୍ରାୟ ୮ହଜାର କ୍ୱିଣ୍ଟାଲ ଧାନ ବିହନ ମହଜୁଦ ହୋଇସାରିଛି। ଗତ ବର୍ଷ କଟକ ଜିଲ୍ଲାରେ ମୋଟ ୭ହଜାରକ୍ୱିଣ୍ଟାଲ ଧାନ ବିହନ ବିକ୍ରି ହୋଇପାରିଥିଲା। ଗୋଟିଏପଟରେ ଚାଷୀଙ୍କୁ ୧୦ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ତଳେ ବିକଶିତ ହୋଇଥିବା ପୁରୁଣା ଧାନ ବିହନ ପାଇଁ ସର୍ବନିମ୍ନ କ୍ୱିଣ୍ଟାଲ ପ୍ରତି ୧୫୬୭ଟଙ୍କା ରିଆତି ଦିଆଯାଉଛି। ଚାଷୀ ମାନଙ୍କୁ ସବସିଡି ବା ରିଆତି ଅର୍ଥ ସହ ବିହନର ସମ୍ପୂର୍ଣ୍ଣ ମୂଲ୍ୟ ବିକ୍ରେତାଙ୍କ ନିକଟରେ ପଇଠ କରିବାକୁ ପଡୁଛି। ଜଣେ ଚାଷୀଙ୍କୁ ବିହନ କ୍ୱିଣ୍ଟାଲ ପ୍ରତି ୩ହଜାର ଟଙ୍କା ଦେବାକୁ ପଡୁଛି। ଚାଷୀ ବିହନ କିଣିସାରିବା ପରେ ପ୍ରତି କ୍ୱିଣ୍ଟାଲ ଧାନ ବିହନରେ ଚାଷୀଙ୍କୁ ୧୫୦୦ଟଙ୍କା ସବସିଡି ମିଳୁଛି। ଗତ ଥର ପ୍ରାୟ ହଜାର କ୍ୱିଣ୍ଟାଲ ବିହନ ବିକ୍ରି ନହୋଇ ବଳିପଡ଼ିଥିଲା। ବିହନ ନିଗମରେ ସାରଳା, ପୂଜା, ସ୍ୱର୍ଣ୍ଣ ସବ ୱାନ, ଆଡଜେଲ, କଳାଚମ୍ପା ଆଦି କିସମର ଧାନ ବିହନ ମହଜୁଦ ରହିଥିବା ଜଣାପଡ଼ିଛି। ବିକ୍ରୟ କେନ୍ଦ୍ର ତଥା ସମବାୟ ସମିତି ଓ ଡିଲରଙ୍କ ମର୍ଚ୍ଚାଣ୍ଟ ଆଡି ପ୍ରସ୍ତୁତ ଆରମ୍ଭ ହୋଇ ପ୍ରକ୍ରିୟା ଚାଲୁ ରହିଛି।

## ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ

ମାହାଙ୍ଗା, ୨୪।୫(ସମିସ)

ବିଶ୍ୱ ଚେତନାର ଶ୍ରେଷ୍ଠ କବି ସନ୍ଥକବି ଭୀମଭୋଇଙ୍କ ୧୭୪ ତମ ଜୟନ୍ତୀ ପବିତ୍ର ବୈଶାଖ ପୂର୍ଣ୍ଣିମାରେ ଭୀମଭୋଇ ଉନ୍ନୟନ ପରିଷଦ ଓ ମାହାଙ୍ଗା ସାହିତ୍ୟ ସମାଜ ଆନୁକୂଲ୍ୟରେ ଏରକଣାସ୍ଥିତ ଶୁଖୁଆପଡ଼ା ହିତୈଷୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ମହିମା ଗବେଷକ ସୁସାହିତ୍ୟିକ ଡ. ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଉକ୍ତ ଉତ୍ସବରେ ଫୁଲବାଣୀ ମହିଳା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ.ଜନାର୍ଦ୍ଦନ ରାଉତ ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟବକ୍ତା, କବି ପ୍ରଫୁଲ୍ଲ କୁମାର ସିଂହ, ସମାଜସେବୀ ନଳିନୀକାନ୍ତ ନାୟକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଭୀମଭୋଇଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ 'ନିର୍ବାଣ'ର ପ୍ରତିନିଧି ବିଜୟ କୁଅଁର ଭୀମଭୋଇଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ବଂଶୀଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭ୍ରମରବର ଦାସ, ଅଚ୍ୟୁତାନନ୍ଦ ରାଉତ, ମାମାଲି ରାଉତ, ନିରଞ୍ଜନ ରାଉତ, ନିର୍ମଳ ଚନ୍ଦ୍ର ରାଉତ, ସୁଦ୍ରାଂଶୁ ପ୍ରଧାନ, ସୁଭଦ୍ରା ରାଉତ, ସୁରେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବିଜେପିର ବିଜୟ ସଂକଳ୍ପ ସମାବେଶ

ଫୁଲନଖରା, ୨୪।୫(ସମିସ): ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗବବସ୍ତ ମଣ୍ଡଳ ବିଜେପିର ବିଜୟ ସଂକଳ୍ପ ସମାବେଶ ଖଣ୍ଡାଗରସ୍ଥିତ ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗବବସ୍ତ ମଣ୍ଡଳର ସଭାପତି ଧିରେନ୍ଦ୍ର ବାରିକ ଅଧ୍ୟକ୍ଷତା କରିଥିବା ବେଳେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ବିପ୍ଳବ ଦେବ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ନିର୍ବାଚନ ପାଇଁ ମାର୍ଗଦର୍ଶନ ଦେଇଥିଲେ। ନିଆଳି ବିଜେପି ବିଧାୟକ ପ୍ରାର୍ଥୀ ଛବି ମଲ୍ଲିକ ଯୋଗଦେଇ ପଦ୍ମଫୁଲକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ନିଆଳି ବିଜେପି ସଂଯୋଜକ ବିଜୁ ପାତ୍ରଙ୍କ ସମେତ କୁରାଙ୍ଗ ପ୍ରଧାନ ପଞ୍ଚାୟତ ପ୍ରମୁଖ ଜୟନ୍ତ କୁମାର ଜେନା, ଯଚିନ୍ଦ୍ର ସାହୁ, ଅକ୍ଷୟ ସ୍ୱାଇଁ, ଅରୁଣ ମହାନ୍ତି, ଅକ୍ଷୟ ପ୍ରଧାନ, ପ୍ରଭାତ ଭୋଇ, ବନ୍ଧୁଚରଣ ସାହୁ, ଦିଲ୍ଲୀପ କୁମାର ପାତ୍ର, ଅମୀୟ ସ୍ୱାଇଁ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି

## ବିଜେପି ପାଇଁ ଟଙ୍କା ବାଣ୍ଟୁଛି ଅର୍ଗସ୍ ନ୍ୟୁଜ୍




ଭୁବନେଶ୍ୱର, ୨୪।୫ (ସମିସ): ରାତି ପାହିଲେ ନିର୍ବାଚନ; ଆଇନ ଶୃଙ୍ଖଳା ଦୃଷ୍ଟିରୁ ୧୪୪ ଧାରା ଲାଗୁ କରାଯାଇଛି। ଏପରି ସ୍ଥିତିରେ ମତଦାନକୁ ପ୍ରଭାବିତ କରିବା ପାଇଁ ବିଜେପି ଏକ ଗଣମାଧ୍ୟମ ସଂସ୍ଥା ଅର୍ଗସ୍ ନ୍ୟୁଜ୍‌କୁ ଲଗାଇ ଟଙ୍କା ବାଣ୍ଟୁଛି ବୋଲି

**ଉଦ୍ଦେଶ୍ୟମୂଳକ ଭାବେ ବିଜେଡିକୁ ବଦନାମ ଉଦ୍ୟମ**

ସଙ୍ଗୀନ ଅଭିଯୋଗ ଆଣିବା ସହ ସମ୍ପୃକ୍ତ ନ୍ୟୁଜ ଚ୍ୟାନେଲ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି।

ଦଳର ଅଭିଯୋଗ ଅନୁସାରେ, ଖବର ପ୍ରସାରଣ କରିବା ବଦଳରେ ଅର୍ଗସ୍ ନ୍ୟୁଜ୍ ଚ୍ୟାନେଲର ପ୍ରତିନିଧି ବିଜେପିରେ ଭୋଟ ଦେବାକୁ ଭୋଟରଙ୍କୁ ଟଙ୍କା ବାଣ୍ଟୁଛନ୍ତି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଠେଲକୋଲି ଗ୍ରାମରେ ଏପରି ଅନୈତିକ କାର୍ଯ୍ୟକଳାପ ଦୃଷ୍ଟିକୁ ଆସିଛି। ବିଜେପି ନେତା ଓ ସମର୍ଥକଙ୍କ ସହ ମିଶି ଅର୍ଗସ୍ ଟିଭି ପ୍ରତିନିଧି ଠେଲକୋଲି ଗ୍ରାମର ଯୁବକଙ୍କୁ ୫୦୦ ଟଙ୍କିଆ ନୋଟ୍ ବାଣ୍ଟୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ସେମାନଙ୍କୁ ରୋକିବା ପାଇଁ ଉଦ୍ୟମ କରିଥିଲେ; କିନ୍ତୁ ବିଜେପି ନେତାଙ୍କ ସହିତ ଅର୍ଗସ୍ ଟିଭି ପ୍ରତିନିଧି କାର୍‌ରେ ସେଠାରୁ ଚମ୍ପଟ୍ ମାରିଥିଲେ। ଗ୍ରାମବାସୀ ପୂରା ଘଟଣାକୁ କ୍ୟାମେରାରେ ରେକର୍ଡ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଥାନାରେ ଗ୍ରାମବାସୀଙ୍କ ପକ୍ଷରୁ ଏତଲା ଦିଆଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ପୂର୍ବରୁ ମଧ ଟଙ୍କା ବଣ୍ଟା ଘଟଣାରେ ଏହି ଟିଭି ଚ୍ୟାନେଲର ସମ୍ପୃକ୍ତି ରହିଛି। ବିଜେଡି କହିଛି ଯେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଅର୍ଗସ୍ ଟିଭି ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। କିନ୍ତୁ ଏହି ଘଟଣା ଜରିଆରେ ଅର୍ଗସ୍ ଟିଭି ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ସାମ୍ବାଦିକତା କ୍ଷେତ୍ରରେ ଏକ କଳାଦାଗ ହୋଇଛି ଏହି ଚ୍ୟାନେଲ।

ବରିଷ୍ଠ ସାମ୍ବାଦିକମାନେ ଅର୍ଗସ୍ ନ୍ୟୁଜ୍‌ର ଏପରି କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହ କେଉଁ ରାଜନେତାଙ୍କ ଇଙ୍ଗିତରେ ସାମ୍ବାଦିକତାର ମୂଲ୍ୟବୋଧକୁ ଦଳି ଦିଆଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ବିଜେଡି ଆହୁରି କହିଛି ଯେ ଅର୍ଗସ୍ ନ୍ୟୁଜ୍ ବାରମ୍ବାର ଉଦ୍ଦେଶ୍ୟମୂଳକ ଭାବେ ବିଜେଡିକୁ ବଦନାମ କରିବା ପାଇଁ ଉଦ୍ୟମ ଚଳାଇଛି। ଖବର ପରିବେଷଣ କରିବା ବଦଳରେ ଏହି ଚ୍ୟାନେଲ ଭୋଟ ପାଇଁ ଦଲାଲି କରୁଛି ବୋଲି ବିଜେଡି ଅଭିଯୋଗ କରିବା ସହ ଅର୍ଗସ୍ ନ୍ୟୁଜ୍ ଚ୍ୟାନେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସାଂସଦ ଡ଼ ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ଓମ୍ ପ୍ରକାଶ ସାହୁ, ସୋଫିଆ ଆଲାମ, ଇପ୍ସିତା ସାହୁ, ମାହିକ୍ଷୀତା ମିଶ୍ର ସାମିଲ ହୋଇଥିଲେ।

**ପୁଲିସ୍ ଉପରେ ଆକ୍ରମଣ**

## ଛେଣ୍ଡିପଦା ବିଜେପି ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ

ଭୁବନେଶ୍ୱର, ୨୪।୫(ସମିସ): ବିଜେପି ନେତାଙ୍କୁ ପରାଜୟ ଭୟ ଏତେ ଘାରିଲାଣି ଯେ ସେମାନଙ୍କ ଆକ୍ରୋଶରୁ ପୁଲିସ ବି ବର୍ତ୍ତିପାରି ନାହିଁ। ଛେଣ୍ଡିପଦା ବିଜେପି ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ସମର୍ଥକମାନେ ପୁଲିସ ଭ୍ୟାନ ଉପରେ ଆକ୍ରମଣ କରି ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି।

ଦଳ ପକ୍ଷରୁ କୁହାଯାଇଛି ଯେ ଗତକାଲି ଛେଣ୍ଡିପଦାରେ ବିଜପି ସମର୍ଥକ ଏବଂ ବିଜେପି ବିଧାୟକ ପ୍ରାର୍ଥୀଙ୍କ ଦୃଢ଼ ସମର୍ଥକମାନେ ଏକ ପାଟ୍ରୋଲିଂ ଭ୍ୟାନ୍ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ସବ୍ ଇନ୍ସପେକ୍ଟର ରାଜେଶ ଶତପଥୀ ଗୁରୁତର ଆହତ ହୋଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ ସୁନିଶ୍ଚିତ କରିବା ଲାଗି ପୁଲିସ ପ୍ରଶାସନ ଉଧମ କରୁଥିବା ବେଳେ ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ତେଣୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି।

## ପରାଜୟ ଭୟରେ ପ୍ରଶାନ୍ତ ଜଗଦେବ ରକ୍ତମୁଖା

ଭୁବନେଶ୍ୱର ୨୪।୫(ସମିସ): ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ଗୁଣ୍ଡାଗର୍ଦ୍ଦି ବିରୋଧରେ ପୁଣି ଥରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜୁ ଜନତା ଦଳ।

**ଲିଙ୍ଗରାଜ ମନ୍ଦିର ନିକଟରେ ପୁଲିସ କର୍ମଚାରୀଙ୍କୁ 'ଚୋର' ଆକ୍ଷେପ, ଗାଳିଗୁଲଜ**

**ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି**

ବିଜେଡି ଅଭିଯୋଗ କରିଛି ଯେ ଶୁକ୍ରବାର ଦିନ ଶ୍ରୀ ଜଗଦେବ ଲିଙ୍ଗରାଜ ମନ୍ଦିର ଆସିଥିଲେ। ସେଠାରେ କାର୍ଯ୍ୟରତ ଉପସ୍ଥିତ ପୁଲିସ କର୍ମଚାରୀଙ୍କୁ ଦେଖିବା ମାତ୍ରେ ସେ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ସେମାନଙ୍କୁ 'ଚୋର' ବୋଲି କହିବାକୁ ପଛାଇ ନଥିଲେ। କିଛି ଦିନ ପୂର୍ବରୁ ଗଣମାଧ୍ୟମ ଆଗରେ ସେ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧା ଥାନା ଉପରେ ଆକ୍ରମଣ କରିବେ ବୋଲି ଖୋଲାଖୋଲି ଧମକ ଦେଇଥିଲେ।

ନିର୍ବାଚନରେ ବିଜେପିକୁ ସମର୍ଥନ ନ କଲେ ପରିସ୍ଥିତି ଭୟଭହ ହେବ ବୋଲି ଶ୍ରୀ ଜଗଦେବ ଧମକ ଦେଉଥିବା ସମସ୍ତେ ଦେଖିଥିଲେ। ଶ୍ରୀ ଜଗଦେବଙ୍କ ଅନେକ ଅପରାଧିକ କାର୍ଯ୍ୟକଳାପରେ ଜଡିତ ଥିବା ବେଳେ ବିଜେପି ନଗର ସଭାପତିଙ୍କ ଉପରେ ଆକ୍ରମଣ କରିଥିଲେ। ସେଥିପାଇଁ ବିଜେଡି ସଭାପତି ତାଙ୍କୁ ଦଳରୁ ବହିଷ୍କାର କରିଥିଲେ। ଏହି ଘଟଣାରେ ସେ ଗିରଫ ହୋଇ ଜାମିନରେ ମୁକୁଳିବା ପରେ ନିଶାସକ୍ତ ଅବସ୍ଥାରେ ବିଜେପି ସମର୍ଥକଙ୍କ ଉପରେ ଗାଡି ଚଢ଼ାଇ ଦେଇଥିଲେ। ଏଥିରେ ୧୫ ବିଜେପି କର୍ମୀ ଆହତ ହୋଇଥିଲେ। ଏହି ଘଟଣାରେ ମଧ ସେ ଗିରଫ ହୋଇ ଅନେକ ଦିନ ଜେଲ୍‌ରେ ଥିଲେ। ଏବେ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଖୋଲାଖୋଲି ଧମକ ଦେଉଛନ୍ତି। ବିଜେଡିର ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ମିହିର ରାୟ, ଓମ୍ ପ୍ରକାଶ ସାହୁ, ସୋଫିଆ ଆଲାମ, ଡ଼ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ଏକାଧିକ ସ୍ଥାନରେ ହିଂସାକାଣ୍ଡ ଓ ଆଚରଣ ବିଧି ଉଲ୍ଲଂଘନ

ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଓ ହିଂସାକାଣ୍ଡକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି। ଏହି ହିଂସାକାଣ୍ଡ କେବଳ ନିର୍ବାଚନୀ ପ୍ରକ୍ରିୟାକୁ ପ୍ରଭାବିତ କରିବ ନାହିଁ; ବରଂ ନିର୍ବାଚନୀ ପ୍ରଚାରରେ ସମ୍ପୃକ୍ତ ଥିବା ଲୋକମାନଙ୍କ ସୁରକ୍ଷା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି କରାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଏନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ ହେବା ସହ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଦଳ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଂକଡ଼ାହାଡ଼ ବ୍ଲକସ୍ଥିତ ମହୁଲିଆ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ପ୍ରମୋଦ ହେନ୍ତାଳିଆ ଓ ଦୁଃଖବନ୍ଧୁ ପଲାଇଙ୍କୁ ଗୁରୁତର ଆକ୍ରମଣ କରାଯାଇଛି। ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବିଭୂତି ପ୍ରଧାନଙ୍କ ସହଯୋଗୀ ମିଶ୍ର ମୋହାନ୍ତ, ଦିଲ୍ଲୀପ ମୋହାନ୍ତ, ରଶ୍ମିରଞ୍ଜନ ତ୍ରିପାଠୀ, କାଳିଆ ନାୟକ ଓ ପଟ୍ଟାୟତ ମୋହାନ୍ତ ପ୍ରମୁଖ ଏହି ଆକ୍ରମଣ କରିଛନ୍ତି। ଆକ୍ରମଣକାରୀମାନେ ବିଜେଡି କର୍ମୀଙ୍କୁ ପାଖ ଜଙ୍ଗଲକୁ ଅପହରଣ କରି ନେଇ ସେଠାରେ ପ୍ରବଳ ମାଡ଼ ମାରିଥିଲେ। ଏହି ଘଟଣାରେ ସ୍ଥାନୀୟ ବିଜୁ ଯୁବ ଜନତା ଦଳର ସଭାପତି ତାପସ ପାଣିଙ୍କ ହସ୍ତକ୍ଷେପ ଓ କଙ୍କଡ଼ାହାଡ଼ ପୁଲିସ ଷ୍ଟେସନରେ ଅଭିଯୋଗ ପରେ ଅପହୃତମାନେ ଉଦ୍ଧାର ହୋଇଥିଲେ। ଏଭଳି ଜଘନ୍ୟ କାଣ୍ଡ ବିରୋଧରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।

ସେହିପରି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ବୁଥ୍ ସେଟ୍-ଅପ୍ ମାର୍ଗଦର୍ଶିକା ଭଙ୍ଗ କରିଥିବା ନେଇ ଦଳ ଅଭିଯୋଗ କରିଛି। ମତଦାନ କେନ୍ଦ୍ରର ୨୦୦ ମିଟର ପରିଧି ମଧ୍ୟରେ କୌଣସି ବୁଥ୍ ନିର୍ମାଣ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି। କିନ୍ତୁ ପ୍ରିୟଦର୍ଶୀ ମିଶ୍ର ଏହି ନିୟମକୁ ଉଲ୍ଲଂଘନ କରିବା ସହ ଆଇଆରସି ଭିଲେଜ ସରକାରୀ ସ୍କୁଲ୍, ସେକ୍ଟର-୬ ୟୁପି ସ୍କୁଲ, ରାମକ୍ରିଷ୍ଣ ଶିକ୍ଷାକେନ୍ଦ୍ର ଆଦି ମତଦାନ କେନ୍ଦ୍ର ନିକଟରେ ସେ ବୁଥ୍ ପ୍ରତିଷ୍ଠା କରିଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବ ବୋଲି ଦଳ ଆଶଙ୍କା ପ୍ରକାଶ କରିଛି। ଏଭଳି ଘଟଣା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ଦାବି କରିଛି।

## ଖୋର୍ଦ୍ଧା, ବଡ଼ମ୍ବା ଓ ଏକାମ୍ରରେ ବାଣ୍ଟୁଛନ୍ତି ଟଙ୍କା ବାଣ୍ଟୁଛନ୍ତି ଦଳୀୟ ପ୍ରାର୍ଥୀ-ସମର୍ଥକ

ଭୁବନେଶ୍ୱର, ୨୪।୫(ସମିସ): ଖୋର୍ଦ୍ଧା, ବଡ଼ମ୍ବା ଓ ଏକାମ୍ର ନିର୍ବାଚନମଣ୍ଡଳୀରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଏହି ୩ ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ତଥା ସେମାନଙ୍କ ସମର୍ଥକ ଖୋଲାଖୋଲି ଭାବେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଟିପିସିଓଡିଏଲ୍ ଅନ୍ତର୍ଗତ ଟାଙ୍ଗୀ ବିଦ୍ୟୁତ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଖୋର୍ଦ୍ଧା ରାମଚନ୍ଦ୍ରପୁର ପଞ୍ଚାୟତର ବିପିନ ସେନାପତି ବିଜେପି ସମର୍ଥନରେ ସକ୍ରିୟତାର ସହ କାର୍ଯ୍ୟ କରୁଛନ୍ତି। ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀ ହୋଇଥିବା ସତ୍ତ୍ୱେ ସେ ବିଜେପି ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ପାଇଁ ପ୍ରଚାର କାର୍ଯ୍ୟରେ ଲିପ୍ତ ଅଛନ୍ତି।

**ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରୁଛି ବିଜେପି**

**ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି**

ଏପରିକି ସାଇଲେଣ୍ଟ ପିରିୟଡ୍ ସମୟରେ ସେ ଉକ୍ତ ଗ୍ରାମରେ ବିଜେପି ପ୍ରାର୍ଥୀଙ୍କ ପାଇଁ ଟଙ୍କା ବାଣ୍ଟିବା ସହ ଗ୍ରାମବାସୀଙ୍କୁ ପ୍ରଶାନ୍ତ ଜଗଦେବଙ୍କ ସପକ୍ଷରେ ମତଦାନ କରିବାକୁ ନିୟମ କରାଉଛନ୍ତି। ଏହା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ। ସେହିପରି ବଡ଼ମ୍ବାରେ ବିଜେପି ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କ ପାଇଁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ମହାପାତ୍ର ଏବଂ ତାଙ୍କ ସ୍ୱାମୀ ସୁବାଷ ସାମଲ ଟଙ୍କା ବାଣ୍ଟୁଥିବା ବେଳେ ସ୍ଥାନୀୟ ଲୋକେ ଉଭୟଙ୍କ ଧରିଛନ୍ତି। ବିଶକ୍ଷେକରି ବଡ଼ମ୍ବା ନିର୍ବାଚନମଣ୍ଡଳୀର ୧୯ନମ୍ବର ଜୋନ୍‌ରେ ସେମାନେ ଘରକୁ ଘର ବୁଲି ଟଙ୍କା ବାଣ୍ଟିବା ସହ ସମ୍ବିତ ତ୍ରିପାଠୀଙ୍କୁ ଭୋଟ ଦେବାକୁ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଯାହାକୁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ବିରୋଧ କରାଯାଇଥିଲା। ଏପରିକି ନରସିଂହପୁରରେ ୧୪୪ ଧାରା ଜାରି ହୋଇଥିବା ସତ୍ତ୍ୱେ ବିଜେପି ପକ୍ଷରୁ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରାଯାଇ ଟଙ୍କା ବଣ୍ଟାଯାଉଛି।

ଅପରପକ୍ଷେ ସାଇଲେଣ୍ଟ ପିରିୟଡ୍ ସମୟରେ ନିର୍ବାଚନ ପ୍ରଚାର ବାରଣ ଥିବା ସତ୍ତ୍ୱେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ବାବୁ ସିଂ ଏହାର ଖୋଲା ଉଲ୍ଲଂଘନ କରିଛନ୍ତି। ବାବୁ ସିଂ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବରମୁଣ୍ଡା ଗ୍ରାମରେ ଟଙ୍କା ବାଣ୍ଟୁଥିବା ବେଳେ ଧରାପଡ଼ିଛନ୍ତି। ଏପରିକି ସେ ନିଜ ସମର୍ଥକଙ୍କ ସହ ଡୋର ଟୁ ଡୋର ବୁଲି ଟଙ୍କା ବାଣ୍ଟୁଥିବା ବେଳେ ସ୍ଥାନୀୟ ଲୋକେ ଏହାର କଡ଼ା ବିରୋଧ କରିଥିଲେ। ଯାହାଫଳରେ ଶ୍ରୀ ସିଂ ତୁରନ୍ତ ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲେ। ବାବୁ ସିଂଙ୍କ ଏତାଦୃଶ୍ୟ କାର୍ଯ୍ୟକଳାପର ସ୍ପଷ୍ଟ ବାବେ ଉଲ୍ଲଂଘନ କରୁଛି। ଅତଏବ ନିର୍ବାଚନ ଅଧିକାରୀ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ସୁଲତା ଦେଓ, ଇପ୍ସିତା ସାହୁ, ମିହିର ରାୟ, ତୁମ୍ବନାଥ ପଣ୍ଡା, ପ୍ରିୟବ୍ରତ ମାଝୀ ଓ ଓମପ୍ରକାଶ ସାହୁ ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ବାପ ମୃତ, ମାଆ-ପୁଅ ଆହତ

ପାଣିକୋଇଲି, ୨୪।୫(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟ୍ରମାକେୟାର ଡାଇଭର୍ସନରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଓ ପୁଅ ଆହତ ହୋଇଛନ୍ତି। ସେମାନେ ହେଲେ, ବାରିପଦା ଅଞ୍ଚଳର ହେମନ୍ତ ଦାସ, ତାଙ୍କ ସ୍ତ୍ରୀ ନମ୍ରତା ଦାସ ଓ ପୁଅ ହଂସରାଜ ଦାସ। ତିନିଜଣ ଶୁକ୍ରବାର ସକାଳେ ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଏକ କାର୍‌ରେ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପାଣିକୋଇଲି ଓଭରବ୍ରିଜ୍‌ରୁ ଗଡ଼ି ଯାଉଥିବା ବେଳେ ଟ୍ରମାକେୟାର ସମ୍ମୁଖରେ ଭାରସାମ୍ୟ ହରାଇ ଏକ ବାଡାରେ କାର୍‌ଟି ପିଟି ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍ କାଚ ଭାଙ୍ଗି ହେମନ୍ତ ପଦାକୁ ଛିଟିକି ପଡ଼ିଥିଲେ। କାର ଭିତରେ ଥିବା ମା' ଓ ପୁଅ ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଆହତ ତିନିଜଣଙ୍କୁ ପୋଟ୍ରୋଲିଂ ଭ୍ୟାନରେ ଚିକିତ୍ସା ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ହେମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ମା'-ପୁଅଙ୍କୁ ସେଠାରେ ଚିକିତ୍ସା କରାଯାଇଥିଲା।

■ ଗ୍ରାସୀମ୍ କମ୍ପାନୀରେ ଦୁର୍ଘଟଣା

## ୫ ଆହତ, ୩ ଗୁରୁତର

ଗଞ୍ଜାମ, ୨୪।୫(ସମିସ): ଗଞ୍ଜାମ ସହରସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍‌ରେ ଶୁକ୍ରବାର ଦୁର୍ଘଟଣା ଘଟି ୫ଜଣ ଆହତ ହୋଇଥିବା ଜଣାପଡ଼ିଛି। ୩ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ, ରାହୁଲ ଯାଦବ, ଇଞ୍ଜିନିୟର ଶଶିକାନ୍ତ ମହାରଣା, ସୁପରଭାଇଜର କେଶବ ସାହୁ, ଜି. ଅଶୋକାନ ଓ ଲକ୍ଷ୍ମୀଧର ନାୟକ। ଆହତ ଶ୍ରମିକଙ୍କୁ କମ୍ପାନୀ ଚିକିତ୍ସାଳୟରେ ଚିକିତ୍ସିତ କରାଯାଇଛି। ସଲଫ୍ୟୁରିକ ପ୍ଲାଣ୍ଟର ବିଦ୍ୟୁତ୍ ସରବାରାହ ବନ୍ଦ କରାଯାଇ ପାଇପ ଲାଇନ୍ ଖୋଲା ଯାଉଥିବା ବେଳେ ପାଇପ୍‌ଟି ଫାଟିଯାଇ ଦୁର୍ଘଟଣା ଘଟିଥିବା କୁହାଯାଉଛି। ଗଞ୍ଜାମ ଥାନା ଅଧିକାରୀ ନମିତା ପାତ୍ର ଏହାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଲିଙ୍ଗରାଜଙ୍କୁ ଦର୍ଶନ କଲେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର୍



ଭୁବନେଶ୍ୱର, ୨୪।୫(ସମିସ): ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ ସପତ୍ନୀକ ଶୁକ୍ରବାର ସକାଳୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଜଳଲାଗି କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ପୂର୍ବାହ୍ନ ୧୦ଟା ୧୫ରେ ସେ କାର୍ ଯୋଗେ ଆସି ଲିଙ୍ଗରାଜ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ସୁରୁଖୁରରେ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ଶ୍ରୀଲିଙ୍ଗରାଜ ଓ ପରେ ମନ୍ଦିର ବେଢ଼ା ପରିକ୍ରମା କରି ଦେବୀ ମା' ପାର୍ବତୀ ମନ୍ଦିର ଦର୍ଶନ କରି ସେଠାରେ କିଛି କ୍ଷଣ ବସିଥିଲେ। ପରେ ପରେ ମା' ଭୁବନେଶ୍ୱରୀ, ବେଢ଼ାରେ ଥିବା ଲକ୍ଷ୍ମୀନାରାୟଣ, ବୃଷଭଙ୍କୁ ଦର୍ଶନ କରିଥିଲେ। ସେଠାରୁ ଆସି ଗରୁଡ଼ ସ୍ତମ୍ଭ ନିକଟରେ ପ୍ରଣିପାତ କରି ଦର୍ଶନ ସାରିଥିଲେ। ଏହାପରେ ମନ୍ଦିର ବାହାରେ ପ୍ରଶାସନ ପକ୍ଷରୁ ତାଙ୍କୁ ଉତ୍ତରୀୟ ସହ ପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଅନେକ ବର୍ଷ ପରେ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବାର ସୁଯୋଗ ମିଳିଲା। ଆମେ ଭଲରେ ଦର୍ଶନ କରିଛୁ।

## ରଷିକୁଲ୍ୟା ମୁହାଣରେ 'ମର୍ଲିନ'

ଗଞ୍ଜାମ, ୨୪।୫ (ସମିସ): ଭାରତ ମହାସାଗର ଦକ୍ଷିଣରେ ଅବସ୍ଥିତ ରିୟୁନିୟନ ଆୟାର୍ଲ୍ୟାଣ୍ଡର ଏକ ପକ୍ଷୀ 'ମର୍ଲିନ୍'କୁ ଋଷିକୁଲ୍ୟା ମୁହାଣରେ ଠାବ କରାଯାଇଛି। ଗଞ୍ଜାମ ସହରରେ ଅବସ୍ଥିତ ଐତିହାସିକ ପୋତାଗଡ଼ ଦୁର୍ଗ ନିକଟ ଋଷିକୁଲ୍ୟା ନଦୀରେ ଏହି ପକ୍ଷୀକୁ ଦେଖିବାକୁ ମିଳିଛି। ଏହାକୁ ଦେଖିବା ପାଇଁ ଏବେ ପକ୍ଷୀପ୍ରେମୀ ଓ ପରିବେଶ ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି।

**ମରିସସ୍, ସୋକୋଟ୍ରା, ପାକିସ୍ତାନ ଅତିକ୍ରମ କରି ଭାରତ ଆସିଛି**

**ମଧ୍ୟପ୍ରଦେଶରେ ପ୍ରଥମେ ଠାବ ହୋଇଥିଲା**

**ପରିବେଶପ୍ରେମୀଙ୍କ ମଧ୍ୟରେ ଉତ୍ସାହ**



ଏହି ପକ୍ଷୀଟି ମରିସସ୍, ସୋକୋଟ୍ରା, ପାକିସ୍ତାନର ଇଣ୍ଡସ୍ ନଦୀ ଉପତ୍ୟକାରେ କିଛି ମାସ ବିତାଇବା ପରେ ଭାରତକୁ ଆସିଛି। ଗତ ୧୭ ତାରିଖରେ ଏହି ପକ୍ଷୀଟିକୁ ପ୍ରଥମେ ମଧ୍ୟପ୍ରଦେଶର ବାଲାଘାଟରେ ଠାବ କରାଯାଇଥିଲା। ପରେ ସେ ଛତିଶଗଡ଼ ଦେଇ ଓଡ଼ିଶାକୁ ଆସିଥିବା କୁହାଯାଉଛି। ମେ' ୨୨ରେ ପକ୍ଷୀଟି ଋଷିକୁଲ୍ୟା ମୁହାଣରେ ପହଞ୍ଚିଥିବା ସାଟେଲାଇଟ୍ ଜରିଆରେ ଜଣାପଡ଼ିବା ପରେ ବାର୍ଡୱାଚର୍ ପଞ୍ଚମୀ ମାନୁ ଇକିଲ୍ ସ୍ଥାନୀୟ ପରିବେଶବିତ୍ ରବୀନ୍ଦ୍ରନାଥ ସାହୁଙ୍କୁ ଯୋଗାଯୋଗ କରିଥିଲେ। ଗୁରୁବାର ଋଷିକୁଲ୍ୟା ନଦୀ ମଧ୍ୟରେ ଉକ୍ତ ପକ୍ଷୀଟିକୁ ଠାବ କରାଯାଇଥିଲା। ତା'ର ଗୋଡ଼ରେ ୨ଟି ସାଟେଲାଇଟ୍ ଟ୍ୟାଗ ଲାଗିଥିବା ବେଳେ ପିଠିରେ ସାଟେଲାଇଟ ଟ୍ରାନ୍ସମିସନ୍ ଖଞ୍ଜାଯାଇଥିବା ଦେଖିବାକୁ ମିଳିଛି।

■ ମନ୍ମଥଙ୍କ ପ୍ରେରଣା ବିଜୁ

## ପାଇଲଟ୍ ହୋଇ ବୁଲିଛନ୍ତି ୧୧୦ ଦେଶ

ଭୁବନେଶ୍ୱର, ୨୪।୫(ସମିସ): ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ସାଂସଦ ତଥା ବିଜେପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ କଡ଼ା ଟକ୍କର ଦେଉଥିବା ବିଜେଡି ପ୍ରାର୍ଥୀ କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟଙ୍କ ଆଦର୍ଶ ହେଉଛନ୍ତି ବିଜୁ ପଟ୍ଟନାୟକ। ବିଜୁଙ୍କ ଦ୍ୱାରା ସ୍ଥାପିତ ବିମାନ ଚାଳନା ପ୍ରଶିକ୍ଷଣ କେନ୍ଦ୍ରକୁ ଥରେ ବୁଲିବାକୁ ଯାଇଥିବାବେଳେ ସେ ପାଇଲଟ ହେବାକୁ ମନ ସ୍ଥିର କରିଥିଲେ ବୋଲି ନିଜେ କହିଛନ୍ତି ମନ୍ମଥ। ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଏକ ଅନୌପଚାରିକ ଆଲୋଚନା କାଳରେ ବିଜୁ ପଟ୍ଟନାୟକଙ୍କୁ ନିଜର ପ୍ରେରଣା ବୋଲି ମନ୍ମଥ ବର୍ଣ୍ଣନା କରିଛନ୍ତି।



ଏହି ଆଲୋଚନାରେ ମନ୍ମଥ କହିଛନ୍ତି ଯେ ତାଙ୍କ ପାଇଲଟ ଜୀବନରେ ସେ ପୃଥିବୀର ଅନେକ ଦେଶ ବୁଲିଛନ୍ତି। ପ୍ରାୟ ୧୧୦ଟି ଦେଶକୁ ବିମାନ ଚଳାଇ ଯାଇଛନ୍ତି। ମାତ୍ର ନିଜ ମାଟି ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଛି। ସବୁବେଳେ ଆକାଶରେ ଉଡ଼ୁଥିବା ମନ୍ମଥ ସାଂସଦ ନିର୍ବାଚିତ ହେବା ପରେ କ୍ଷେତ୍ରସ୍ତରରେ ରହିବେ କି ନାହିଁ ଶ୍ରୀ ପାଣ୍ଡିଆନଙ୍କ ପ୍ରଶ୍ନରେ ଉତ୍ତର ଦେଇ ସେ କହିଛନ୍ତି ଯେ ସେ ସର୍ବଦା କ୍ଷେତ୍ରସ୍ତରରେ ରହିବେ ଓ ଭୁବନେଶ୍ୱରକୁ ବହୁ ଉଚ୍ଚକୁ ନେବାକୁ ଉଦ୍ୟମ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୁବନେଶ୍ୱରରେ ବିଜେପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ ବିଜେଡିର ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ଯୁବ ଚେହେରା ଭାବେ ମନ୍ମଥ ରାଉତରାୟଙ୍କ ଲୋକପ୍ରିୟତା ବୃଦ୍ଧି ଯୋଗୁଁ ବିଜେପିର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି।

## ନିର୍ବାଚନ ପାଇଁ ଅବକାରୀ ଧରପଗଡ଼ ଜୋରଦାର୍ / ୨୩ ଦିନରେ ୪୯୭୬ ମାମଲା, ୪୧୪୧ ନିଶାମାଫିଆ ଗିରଫ

ଭୁବନେଶ୍ୱର, ୨୪।୫ (ସମିସ): ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ଲାଗି ଅବକାରୀ ବିଭାଗ ବେଆଇନ ମଦ କାରବାର ରୋକିବାକୁ ଚଢ଼ଉ ଜୋରଦାର କରିଛି। ଯେଉଁଠି ମଦ କାରବାର ହେଉଥିବା ଖବର ଆସୁଛି, ସେଠାରେ ତୁରନ୍ତ ଚଢ଼ଉ କରି ଜବତ କରୁଛି। ମଦ ମାଫିଆ, ବେଆଇନ ବ୍ରାଉନସୁଗାର ବେପାରୀ ଓ ଗଞ୍ଜେଇ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି। ଏଥିଯୋଗୁ ରାଜ୍ୟରେ ମଦ, ଗଞ୍ଜେଇ ଓ ହିରୋଇନ ଜବତ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି।

ଚଳିତ ମାସରେ ୨୩ ତାରିଖ ପର୍ଯ୍ୟନ୍ତ ୨ଲକ୍ଷ ୪୯ ହଜାର ୫୧୦ ଲିଟର ଦେଶୀ ମଦ, ୮୭ ଲିଟର ନକଲି ବିଦେଶୀ ମଦ, ୫୩ ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୨ ହଜାର ୬୧୩ ଲିଟର ଭାରତ ତିଆରି ବିଦେଶୀ ମଦ ଜବତ ହୋଇଛି। ସେହିପରି ୧୫ ହଜାର ୧୧୬ ଲିଟର ବିୟର, ୫୩୦୫ ଲିଟର ମହୁଲି ମଦ, ୪୧୦ କିଲୋ ଭାଙ୍ଗ, ୧୮୫୨ ଲିଟର ଆସ୍କା ଫର୍ଟି ଓ ୮୪ ହଜାର ୧୬୩ କେଜି ମହୁଲ ଫୁଲ ଏବଂ ୪୩୪ଟି ଗାଡ଼ି ଜବତ ହୋଇଛି। ଏହିସବୁ ଘଟଣାରେ ୪ ହଜାର ୯୭୬ଟି ମମାଲା ରୁଜୁ ସହିତ ୪ ହଜାର ୧୪୧ଜଣ ମଦ ମାଫିଆଙ୍କୁ ଗିରଫ କରାଯାଇଛି।

**ରେକର୍ଡ ପରିମାଣର ନିଶା ସାମଗ୍ରୀ ଜବତ**

ବେଆଇନ ଗଞ୍ଜେଇ, ହେରୋଇନ୍ ଓ କଫ୍-ସିରପ୍ ମାଫିଆଙ୍କ ବିରୋଧରେ ଚାଲିଥିବା ଚଢ଼ଉ ମଧ ସଫଳ ହୋଇଛି। ଏହି ଘଟଣାରେ ୧୧୪ଟି ମାମଲା ରୁଜୁ ହୋଇଥିବା ବେଳେ ୧୩୦ଜଣ ମାଫିଆଙ୍କୁ ଗିରଫ କରାଯାଇଛି। ୨୯୫୧ କେଜି ଗଞ୍ଜେଇ, ୬୬ ଲିଟର କଫ-ସିରପ୍ ଓ ୨୫୫୮ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଜବତ ମଦ, ଗଞ୍ଜେଇ ଓ ହେରୋଇନ୍ ଇତ୍ୟାଦିର ମୋଟ ମୂଲ୍ୟ ୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ଯେଉଁ କେତକ ଗୁରୁତ୍ୱପୂର୍ଣ୍ଣ ଚଢ଼ଉ ଓ ସାମଗ୍ରୀ ଜବତ ହୋଇଛି; ସେଥିମଧ୍ୟରେ ସମ୍ବଲପୁର ସ୍ପେସାଲ ସ୍କ୍ୱାଡ୍ ପକ୍ଷରୁ ୨୩୫୨ଲିଟର ବିୟର ଓ ଗୋଟିଏ ଟ୍ରକ୍, କଟକ ଅଧିକାରୀଙ୍କ ଦ୍ୱାରା ୨୮୦୦ ଲିଟର ବେଆଇନ ମଦ, ଗୋଟିଏ ଚାରିଚକିଆ ଯାନ ଓ ବାଲେଶ୍ୱର ଅବକାରୀ ଅଧିକାରୀଙ୍କ ଦ୍ୱାରା ୧୪୫୦ ଲିଟର ଓ ୧୦୫୦ ଲିଟର ବେଆଇନ ମଦ ସହ ଗୋଟିଏ ଚାରିଚକିଆ ଓ ୨ଟି ଦୁଇ ଚକିଆ ଯାନ ଏବଂ ବୌଦ୍ଧ କର୍ମଚାରୀଙ୍କ ଦ୍ୱାରା ୧୦୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ବିଭିନ୍ନ ଜିଲ୍ଲାରେ ରେକର୍ଡ ପରିମାଣର ୧୫ ଲକ୍ଷ ୮୪ ହଜାର ୪୫୦ଲିଟର ମହୁଆ/ମଦ ପ୍ରସ୍ତୁତ ପାଇଁ ଥିବା ପୋଚ ନଷ୍ଟ କରାଯାଇଛି।



# ପୁଲିସ ଭ୍ୟାନ୍‌କୁ ଧକ୍କାଦେଲା ପିକ୍‌ଅପ୍; ୬ ପୁଲିସ ଆହତ



**ସାଲେପୁର, ୨୪।୫(ସମିସ):** ଗତକାଲି ବିଳମ୍ବିତ ରାତ୍ରିରେ କଟକ-ସାଲେପୁର ରାସ୍ତାର ଭାତପଡ଼ା ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ବାଟାଲିଅନ ପୁଲିସ ଭ୍ୟାନକୁ ମାଛ ବୋଝେଇ ପିକଅପ୍ ଭ୍ୟାନ୍ ଧକ୍କା ଦେବା ଫଳରେ ପୁଲିସ ଭ୍ୟାନ୍‌ରେ ଥିବା ୨ଜଣ ହାବିଲଦାର ଓ ୪ଜଣ ସିପାହୀ ଗୁରୁତର ଆହତ ହୋଇଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ଭ୍ୟାନ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତକାଲି ରାତି ପ୍ରାୟ ୧.୪୫ମିନିଟ ସମୟରେ କଟକରୁ ଏକ ବାଟାଲିଅନ୍ ପୁଲିସ ଭ୍ୟାନ୍ କିଛି କର୍ମଚାରୀଙ୍କୁ ନେଇ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବାବେଳେ ଭାତପଡ଼ା ନିକଟରେ ଭ୍ୟାନ୍ ଚାଳକ ରାସ୍ତାର ବାମପାର୍ଶ୍ୱରେ ଗାଡ଼ି ରଖିଥିବାବେଳେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ମାଛ ବୋଝେଇ ପିକଅପ୍ ଭ୍ୟାନ୍ ପୁଲିସ ଭ୍ୟାନ୍‌କୁ ପଛପଟୁ ଧକ୍କା ଦେବା ଫଳରେ ପୁଲିସ ଭ୍ୟାନ୍‌ରେ ବସିଥିବା ହାବିଲଦାର ଚନ୍ଦ୍ରଶେଖର ସେଠୀ, ଅକ୍ଷୟ କୁମାର ମହାନ୍ତି, ସିପାହୀ ରୁଦ୍ରେଶ୍ୱର ପଣ୍ଡା, ଲକ୍ଷ୍ମୀ ମହାନ୍ତି, ଅନିରୁଦ୍ଧ ପଲାଇ, ରୋଷେୟା ହାଡ଼ିବନ୍ଧୁ ସେଠୀ ଗୁରୁତର ଆହତ ହୋଇଥିଲେ। ସାଲେପୁର ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଆହତ କର୍ମଚାରୀଙ୍କୁ ସେଠାରୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିବା ଜଣାଯାଇଛି। ସାଲେପୁର ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ପିକଅପ୍ ଭ୍ୟାନ୍ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି।

# ସାପ କାମୁଡ଼ାରେ ଶିଶୁ ମୃତ

**ଟାଙ୍ଗୀ, ୨୪।୫(ସମିସ)**

ଚିକିତ୍ସା ବିଜ୍ଞାନର ବ୍ୟାପକ ଉନ୍ନତି ସତ୍ତ୍ୱେ ଅନ୍ଧବିଶ୍ୱାସର ମାୟାଜାଲରୁ ମଣିଷ ମୁକୁଳି ପାରୁନି। ଝଡ଼ାଫୁଙ୍କା ଉପରେ ବିଶ୍ୱାସ ଯୋଗୁଁ ଅନେକ ଜୀବନ ଅକାଳରେ ଚାଲି ଯାଉଛି। ସାପ କାମୁଡ଼ା ଘଟଣାରେ

- **ମେଡିକାଲ ନ ନେଇ ଝଡ଼ାଫୁଙ୍କା କଲେ ପରିବାର ଲୋକ**
- **ବିଳମ୍ବିତ ଚିକିତ୍ସା ପାଇଁ ଚାଲିଗଲା ଶିଶୁର ଜୀବନ**

ପରିବାର ଲୋକେ ଶିଶୁଟିକୁ ମେଡିକାଲ ନ ନେଇ ସ୍ଥାନୀୟ ଗୁଣିଆ ଉପରେ ଭରସା କରି ପ୍ରଥମେ ଝଡ଼ାଫୁଙ୍କା କରିବା ଓ ପରେ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିବା ଫଳରେ ଜଣେ ଦେଢ ବର୍ଷର ଶିଶୁ ମୃତ୍ୟୁବରଣ କରିବା ଘଟଣା ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଚିନ୍ତାମଣିପୁର ଆଦିବାସୀ ବସ୍ତିରେ ଶୁକ୍ରବାର ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିନା ବ୍ୟବଚ୍ଛେଦରେ କଟକସ୍ଥିତ ଶିଶୁଭବନ ମୃତ ଶିଶୁକୁ ଫେରାଇଦେବା। ଅଟୋ ଭଡ଼ାକରି ପରିବାରେ ଲୋକେ ଘରକୁ ଫେରି ମୃତଦେହ ସଂସ୍କାର କରିବା ଘଟଣା ସାଧାରଣରେ ଚର୍ଚ୍ଚାକୁ ଆସିଛି। ସୂଚନା ଅନୁଯାୟୀ ଉକ୍ତ ବସ୍ତିଟି ପାଞ୍ଚଭାୟା ସଂରକ୍ଷିତ ଜଙ୍ଗଲ ତଥା ପାହାଡ଼କୁ ଲାଗିଛି। ଏଠାରେ ବିଷଧର ସର୍ପ ଦେଖାଯିବା ଓ ଗୃହପାଳିତ ପଶୁଙ୍କୁ ଆକ୍ରମଣ କରିବା ଘଟଣା ଅନେକ ସମୟରେ ଦେଖିବାକୁ ମିଳିଥାଏ। ଗୁରୁବାର ରାତିରେ ବସ୍ତିର ମଙ୍ଗଳ ପୂର୍ତ୍ତି ଓ ସୁନନ୍ଦା ପୂର୍ତ୍ତି ନିଜର ୪ କନ୍ୟା ସନ୍ତାନ ସହ ଚାଳକୁଡ଼ିଆରେ ଖାଇପିଇ ଶୋଇଥିଲେ। ମଧ୍ୟରାତ୍ରରେ ସାନଝିଅ ରୀତା କାନ୍ଦିବା ଶୁଣି ପରିବାର ଲୋକେ ଉଠି ପଡ଼ିଥିଲେ। ଗୋଡ଼ରୁ ରକ୍ତ ବାହାରିବା ଦେଖି ବିଷଧର ଜନ୍ତୁ କାମୁଡ଼ିଥିବା ସନ୍ଦେହ କରିଥିଲେ। ଫଳରେ ପରିବାର ଲୋକେ ପ୍ରଥମେ ଝଡ଼ାଫୁଙ୍କା ନିମନ୍ତେ ନିକଟବର୍ତ୍ତୀ ଗ୍ରାମର ଜଣେ ଗୁଣିଆ ପାଖକୁ ନେଇଥିଲେ। ମାତ୍ର ସ୍ଥିତି ବିଗିଡ଼ିବାରୁ ପୁନଶ୍ଚ ଚିକିତ୍ସା ନିମନ୍ତେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକସ୍ଥିତ ଶିଶୁଭବନରେ ପହଞ୍ଚିଥିଲେ ହେଁ ଡାକ୍ତର ଶିଶୁଟିକୁ ମୃତଘୋଷଣା କରିଥିଲେ। ଅନ୍ୟପକ୍ଷରେ ସର୍ପାଘାତ ପୀଡ଼ିତ ପରିବାରକୁ ରାଜ୍ୟ ସରକାର ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରୁଥିବାରୁ ମୃତଦେହ ବ୍ୟବଚ୍ଛେଦ ଜରୁରୀ। ମାତ୍ର ବିନା ବ୍ୟବଚ୍ଛେଦରେ ଶିଶୁଭବନ ମୃତଦେହ ଫେରାଇ ଦେଇଥିଲେ। ଆଇନକାନୁନ ଜାଣି ନ ଥିବା ନିରୀହ ଆଦିବାସୀ ଦମ୍ପତ୍ତି ଏକ ଭଡ଼ା ଅଟୋରେ ମୃତ ଶିଶୁକୁ ଆଣି ବସ୍ତି ନିକଟରେ ସଂସ୍କାର କରିଥିଲେ।



# ଜିଗ୍ନୀପୁରରେ ବିଜେଡିର କର୍ମୀ ବୈଠକ



**ନିଶ୍ଚିନ୍ତକୋଇଲି, ୨୪।୫(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଛୁଆଳିଆ ଓସ୍ତମୂଳ ଛକରେ ଜିଗ୍ନୀପୁର ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ବୈଠକ ଅନୁଷ୍ଠିତ ହୋଇଛି। ସରପଞ୍ଚ ତିଳୋତ୍ତମା ରାଉତଙ୍କ ସଭାପତିତ୍ୱ ଏବଂ ବ୍ଲକ ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇଥିଲେ। ଏହାଛଡ଼ା ବିଜେଡ଼ି ସରକାରଙ୍କ ପକ୍ଷରୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ସବୁ ଜନହିତକର ଯୋଜନା ପ୍ରଣୟନ କରାଯାଇଛି ସେ ସଂକ୍ରାନ୍ତରେ ଆଲୋକପାତ କରି ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ସହଯୋଗ କାମନା କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ପଞ୍ଚାୟତ ବିଜେଡି ସଭାପତି ଧିରେନ୍ଦ୍ରନାଥ ବେହେରା, ଶିଳ୍ପପତି ଉତ୍ସବ ଭଞ୍ଜ, ସନ୍ତୋଷ ପ୍ରଧାନ, ବିଜେଡି ସଂଖ୍ୟାଲଘୁ ଜିଲ୍ଲା ଉପସଭାପତି ଜାକିର ଖାଁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ସବିତା ସାମଲ, ପୂର୍ବତନ ସରପଞ୍ଚ ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ଯୋଗଦେଇ ଏଥର ବିଜେଡି ଦୁଇ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ସମର୍ଥନ ଦେବା ପାଇଁ ସଂକଳ୍ପ ନେଇଥିଲେ।

# ଜଳେଶ୍ୱରପୁରରେ ବିଜେଡି କର୍ମୀ ସମାବେଶ

**ମାହାଙ୍ଗା, ୨୪।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ



ଜେନା ଓ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ପୂର୍ବତନ ବିଧାୟକ ପ୍ରତାପ ଜେନା ପଞ୍ଚାୟତରେ କରିଥିବା ବିକାଶମୂଳକ କାର୍ଯ୍ୟକ୍ରମକୁ ପାଥେୟ କରି ବିପୁଳ ସଂଖ୍ୟାରେ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ଭୋଟ ପ୍ରଦାନ ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ସୁବାଷ ଚନ୍ଦ୍ର ଜେନା, ଶତ୍ରୁଘ୍ନ ସେଠି, ବିଜୟ ରାଉତ, ହୃଷିକେଶ ସ୍ୱାଇଁ, ପ୍ରଦୀପ୍ତ ବିଶ୍ୱାଳ, ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ମୃତ୍ୟୁଞ୍ଜୟ ବରାଳ, କୃଷ୍ଣଚନ୍ଦ୍ର ସାମଲ, ଆଲୋକ ବାରିକ, ଯତିନ୍ଦ୍ର ବିଶ୍ୱାଳ, ରଞ୍ଜନ ଖୁଣ୍ଟିଆ, ଦେବେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ବାରିକ, ସୁବ୍ରତ ମହାନ୍ତିଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଉପସ୍ଥିତ ଭୋଟରଙ୍କୁ କହିଥିଲେ।

# ଭିଡିଓ ଭାଇରାଲ ପରେ ମୁହଁ ଖୋଲିଲେ ମହିଳା

**ମାହାଙ୍ଗା, ୨୪।୫(ସମିସ):** ଗତକାଲି ସାମାଜିକ ଗଣମାଧ୍ୟମ ଓ ଏକ ପ୍ରତିଷ୍ଠିତ ବୈଦ୍ୟୁତିକ ଗଣମାଧ୍ୟମରେ ମାହାଙ୍ଗା ବିଧାୟକଙ୍କ ସମ୍ପର୍କରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଯେଉଁ ଭିଡିଓରେ ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟଙ୍କ ପତ୍ନୀ ସ୍ନେହପ୍ରଭା ବେହେରାକୁ ଦେଖିବାକୁ ମିଳିଥିବାବେଳେ ବିଧାୟକ ଅଶାଳୀନ ଶବ୍ଦ ପ୍ରୟୋଗ କରୁଥିବା କୁହାଯାଉଛି। ତେବେ ଏହି ଭିଡିଓ ପ୍ରଘଟ ପରେ ସମ୍ପୃକ୍ତ ମହିଳାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଭେଟିବାରୁ ସେ ଏଭଳି ଘଟଣାକୁ ଅସ୍ୱୀକାର କରିଥିଲେ। ସେ କହିଥିଲେ ଯେ ଆମ କଲ୍ୟାଣପୁର ଗ୍ରାମରେ ଯାଦବ ମହାସଂଘ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେବା ପୂର୍ବରୁ ଗ୍ରାମର କିଛି ଦଳୀୟ କର୍ମୀଙ୍କୁ ବିଧାୟକ ଭେଟିବାକୁ ଯାଇଥିଲେ। ବିଧାୟକଙ୍କ ସହିତ ଶ୍ରୀମତୀ ବେହେରା ଓ ଅନ୍ୟ କେତେକ ମହିଳା ସାଙ୍ଗରେ ଯାଇଥିଲେ। ବିଧାୟକ ୧୧ନଂ ୱାର୍ଡର ୱାର୍ଡମେମ୍ବରଙ୍କ ସ୍ୱାମୀଙ୍କୁ ଭେଟି ନିର୍ବାଚନରେ ସାହାଯ୍ୟ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହି ସମୟରେ ବିଧାୟକ କାହାରିକୁ ଅଶାଳୀନ ଶବ୍ଦ ବ୍ୟବହାର କରି ନ ଥିବା ଏବଂ ଜୈନେକ ସମିତିସଭ୍ୟାଙ୍କ ସ୍ୱାମୀଙ୍କୁ ବିଜେଡି ଦଳରୁ ନିଲମ୍ବନ କରିଥିବାରୁ ସେ ଆକ୍ରୋଶମୂଳକ ଭାବେ ଏଭଳି ଭିଡିଓ ପ୍ରଘଟ କରିଥିବା କହିବା ସହ ଆଇନ ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ୧୧ନଂ ୱାର୍ଡର ୱାର୍ଡ ସଭ୍ୟାଙ୍କ ସ୍ୱାମୀ ସୁମନ୍ତ ପଲେଇଙ୍କୁ ଯୋଗଯୋଗ କରିବାରୁ ବିଧାୟକ ତାଙ୍କ ଘରକୁ ଆସି ଭେଟିବା ବେଳେ କୌଣସି ମହିଳା ଉପସ୍ଥିତ ନ ଥିବା ଏବଂ ବିଧାୟକ କୌଣସି ଅଶାଳୀନ ଶବ୍ଦ ବ୍ୟବହାର କରି ନ ଥିବା ନିଜ ପ୍ରତିକ୍ରିୟାରେ କହିଥିଲେ। ଅପରପକ୍ଷରେ ଏ ସମ୍ପର୍କରେ ବିଧାୟକ ଶ୍ରୀ ଜେନାଙ୍କୁ ଯୋଗାଯୋଗ କରିବାକୁ ବିରୋଧି କୁଚକ୍ରୀ ଗୋଷ୍ଠୀ ମୋତେ ବଦନାମ କରିବା ପାଇଁ ଭାଇରାଲ ଭିଡିଓରେ ଜୈନିକ ମହିଳାଙ୍କୁ ୱାର୍ଡ ସଭ୍ୟ ଦର୍ଶାଇ ଗଣମାଧ୍ୟମରେ ଏଭଳି ଖବର ପ୍ରସାରଣ କରିବା ଓ ମୁଁ କୌଣସି ମହିଳାଙ୍କୁ ଅଶାଳୀନ ଶବ୍ଦ ପ୍ରୟୋଗ କରି ନ ଥିବା କହିଥିଲେ। ବିରୋଧୀମାନେ ହାରିବା ଭୟରେ ଏଭଳି ହୀନ ରାଜନୀତି କରୁଥିବା ଗଣମାଧ୍ୟମକୁ କହିଛନ୍ତି।

# ସୁକରପଡ଼ାରେ ବିଜେଡିର ଆଶୀର୍ବାଦ ସମାବେଶ

**ନିଶ୍ଚିନ୍ତକୋଇଲି, ୨୪।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ହଳଧରପୁର ସ୍କୁଲ ନିକଟରେ ସୁକରପଡ଼ା ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ସରପଞ୍ଚ ମନୋଜ କୁମାର ମଲିକଙ୍କ ସଭାପତିତ୍ୱ ଏବଂ ପୂର୍ବତନ ସମିତିସଭ୍ୟ କଲାମ ଖାଁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଏଥର ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହୋଇ ଏକ ଇତିହାସ ରଚିବାକୁ ଯାଉଛନ୍ତି। ସୁକରପଡ଼ା ପଞ୍ଚାୟତକୁ ବିକାଶ ଦିଗରେ ଅଗ୍ରଗତି କରିବାକୁ ହେଲେ ବିଜେଡିର ଦୁଇ ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ



ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ପଞ୍ଚାୟତବାସୀଙ୍କର ସହଯୋଗ ଓ ଆଶୀର୍ବାଦ କାମନା କରିଥିଲେ। ବିଜେଡି କୃଷକ ସଂଗଠନର ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ପଞ୍ଚାୟତ ସଭାପତି କୈଳାସ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ, ସେକ୍ ବୁରାନ୍, ମନୋରଞ୍ଜନ ସିଂ, ସେକ୍ ଅଜିମୁଦ୍ଦିନ୍ ସମେତ ବହୁ ବିଜେଡି ନେତୃବୃନ୍ଦ

# ମହିମା ପୀଠରେ ବୈଶାଖୀ ମେଳା ଉଦ୍‌ଯାପିତ

**ଟାଙ୍ଗୀ, ୨୪।୫(ସମିସ):** ପବିତ୍ର ବୈଶାଖ ପୂର୍ଣ୍ଣିମା ଅବସରରେ ରାଜ୍ୟ ପର୍ଯ୍ୟଟନସ୍ଥଳର ମାନ୍ୟତା ଲାଭ କରିଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁରସ୍ଥିତ ଅଲେଖ ମହିମା ପୀଠରେ ଆୟୋଜିତ ତ୍ରିଦିବସୀୟ ବୈଶାଖୀ ମେଳା ତଥା ବାର୍ଷିକ ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଅଖଣ୍ଡମଣ୍ଡଳ ମହିମା ଧର୍ମର ସଭାପତି ବାବା ଶୁକଦେବ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ମେଳାରେ ବାଞ୍ଛାନିଧି ଦାସ, ଗୌତମ ଦାସ ଆଦି ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ସାଧୁସନ୍ୟାସୀଙ୍କ ସମେତ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା। ନିର୍ବାଚନ ଋତୁ ଯୋଗୁଁ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଓ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ମେଳାରେ ଅଂଶଗ୍ରହଣ ପୂର୍ବକ ସାଧୁ ସନ୍ୟାସୀଙ୍କ ଆଶୀର୍ବାଦ ଲାଭ କରିଥିଲେ। ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ହରମୋହନ ପ୍ରଧାନ, ସୁବାସ ବେଉରା, ସରପଞ୍ଚ ଦିପ୍ତିମୟୀ ବେହେରା ଓ ନାଏବ ସରପଞ୍ଚ ମାନସ ଭଗତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଦୋକାନ ଘରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ସାଲେପୁର, ୨୪।୫(ସମିସ):** ସାଲେପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଭାସ୍କର ନାୟକ (୫୦) ନାମକ ଜଣେ ବ୍ୟକ୍ତି ଗତକାଲି ରାତିରେ ନିଜ ଦୋକାନ ଘରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ଶାଳକ କ୍ଷୀରୋଦ ପରିଡ଼ା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଭାସ୍କର ନାୟକ କୌଣସି କାରଣରୁ ନିଜ ଦୋକାନ ଘରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବାର ଆଜି ସକାଳୁ ଲୋକେ ଦେଖିବା ପରେ ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଏ ନେଇ ଭାସ୍କରଙ୍କ ଶାଳକ କ୍ଷୀରୋଦ ପରିଡ଼ା ସାଲେପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

# ଗାଡ଼ି ଡିକିରୁ ୧ଲକ୍ଷ ଟଙ୍କା ଜବତ

**କଟକ, ୨୪।୫(ସମିସ):** କଟକ କମିସନରେଟ ପୁଲିସ ଅଧୀନ ୪୨ମୌଜା ଥାନା ପକ୍ଷରୁ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଶ୍ରୀରାମ ବଜାରରେ ଆଇଆରବି ଫୋର୍ସ ସହାୟତାରେ ଗାଡ଼ି ମୋଟର ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ସ୍କୁଟିକୁ ଯାଞ୍ଚ କରାଯିବାରୁ ସେହି ଗାଡ଼ିର ଡିକିରୁ ୧ଲକ୍ଷ ଟଙ୍କା ବାହାରିଥିଲା। ଗାଡ଼ି ଚାଳକ ନରେଶ କୁମାର ସାହୁଙ୍କୁ ଟଙ୍କା ବିଷୟରେ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଯାହାଫଳରେ ଥାନା ଏସଆଇ ମାଧୁରୀ ମିଞ୍ଜ ଉକ୍ତ ୧ଲକ୍ଷ ଟଙ୍କାକୁ ଜବତ କରିଥିଲେ। ଏହି ଟଙ୍କା ନିର୍ବାଚନରେ ଭୋଟରଙ୍କୁ ବଣ୍ଟା ଯାଇ ପ୍ରଭାବିତ କରିବା ପାଇଁ ଉଦ୍ୟମ ହେଉଥିବା ଆଲୋଚନା ହେଉଛି।

# ମଦ ଜବତ; ୨ ଗିରଫ

ସାଲେପୁର, ୨୪।୫(ସମିସ): ସାଲେପୁର ପୁଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ଉ କରାଯାଇ ୧୦ ଲିଟର ଦେଶୀ ଓ ୧୨ ଲିଟର ବିଦେଶୀ ମଦ ଜବତ କରିବା ସହ ୨ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଧର୍ମାଗତପୁର ଗ୍ରାମର ସରୋଜ କୁମାର ଦାସ ନିଜ ଗ୍ରାମ ନିକଟରେ ଗତକାଲି ରାତିରେ ଚୋରା ଦେଶୀ ମଦ ବିକ୍ରୟ କରୁଥିବାବେଳେ ସାଲେପୁର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ତା ନିକଟରୁ ୧୦ଲିଟର ଦେଶୀ ମଦ ଜବତ କରାଯିବା ସହ ତାକୁ ଗିରଫ କରାଯାଇ ଏକ ମାମଲା ରୁଜୁ କରାଯାଇଛି। ସେହିପରି ମାତନଗର ଗ୍ରାମର କାହ୍ନୁଚରଣ ବେହେରା ନିଜ ଗ୍ରାମ ମଧ୍ୟରେ ରଖି ଚୋରାରେ ବିଦେଶୀ ମଦ ବିକ୍ରି କରୁଥିବାବେଳେ ସାଲେପୁର ପୁଲିସ ହଠାତ୍ ଚଢ଼ଉ କରି ତା' ନିକଟରୁ ୧୨ଲିଟର ବିଦେଶୀ ମଦ ଜବତ କରିବା ସହ ଏକ ମାମଲା ରୁଜୁ କରି କାହ୍ନୁଚରଣଙ୍କୁ ଗିରଫ କରିଥିବା ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ବିଜେଡିର ବିଶାଳ କର୍ମୀ ସମାବେଶ

**ମାହାଙ୍ଗା, ୨୪।୫(ସମିସ)**




ମାହାଙ୍ଗା ବ୍ଲକ ଉମର ଓ ଭଦ୍ରେଶ୍ୱର ପଞ୍ଚାୟତରେ ବିଜେଡିର ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉମର ଠାରେ ପୂର୍ବତନ ସରପଞ୍ଚ ଚିତରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ନବୀନ ବାବୁଙ୍କ ସରକାର ସମୟରେ ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସାଧାରଣ ଭୋଟରଙ୍କୁ ସଚେତନ କରାଇବା ସହ ବିଧାନସଭା ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କୁ ଶଙ୍ଖଚିହ୍ନରେ ଭୋଟଦେବାକୁ ନିବେଦନ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ଶାଶ୍ୱତ ରଞ୍ଜନ ଦାସ, ସମିତିସଭ୍ୟ କିଶୋର ଦାସ, ଜୋନ ସଭାପତି ନିରଞ୍ଜନ ପ୍ରଧାନ, ଶିକ୍ଷାବିତ ପୁରୁଷୋତ୍ତମ ଜେନା, ସମାଜସେବୀ ଅଜୟ ସାମଲ, ପୂର୍ବତନ ସରପଞ୍ଚ ଶରତ ଜେନା ପମୁଖ ଯୋଗଦେଇ ବିଜେଡିକୁ ଭୋଟ ଦେବା ପାଇଁ ଉପସ୍ଥିତ କର୍ମୀଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ମନୋଜ ମହାରଣା, ଅନିଲ ମଲିକ, ଦାଶରଥି ପୃଷ୍ଟି, ନାରାୟଣ ପୃଷ୍ଟି, ନରେଶ ମହାପାତ୍ର, ରଞ୍ଜନ ପ୍ରଧାନ, ସଞ୍ଜୟ ମହାପାତ୍ର, ତାପସ ପ୍ରଧାନ, ସୁକାନ୍ତ ମହାପାତ୍ର, ରାୟଗୁରୁ ମାନସ ମହାତ୍ର, ଜଗତଜିତ ମହାପାତ୍ରଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ସେହପରି ଭଦ୍ରେଶ୍ୱର ପଞ୍ଚାୟତରେ ଶିକ୍ଷାବିତ୍ ଗୌତମ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମାବେଶରେ ମୁଖଅତିଥିଭାବେ ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏଥିରେ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରପଞ୍ଚ କମଳାକାନ୍ତ ରାଉତ, ସମିତିସଭ୍ୟ ଲଳିତ ରାଉଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟୁଲତା ପ୍ରଧାନ, ବିବେକାନନ୍ଦ ପାଣି, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଜେନା, ବିପିନ ବିହାରୀ ସ୍ୱାଇଁ, ନିରଞ୍ଜନ ପ୍ରହରାଜ, ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ୍ତ ପ୍ରଧାନ, ଚୌଧୁରୀ ରମାକାନ୍ତ ପ୍ରହରାଜ ପମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ଅମରେଶ ମିଶ୍ର, ଭ୍ରମରବର ମହାନ୍ତି, ତପନ ମହାନ୍ତି, ଚୈତନ୍ୟ ସାହୁ, ପିଣ୍ଟୁ ପ୍ରହରାଜ, ଗଗନ ପ୍ରଧାନ, ବୈକୁଣ୍ଠନାଥ ପ୍ରଧାନ, ନିହାରିକା ମହାନ୍ତି, ଅରୁନ୍ଧତି ମିଶ୍ରଙ୍କ ସମେତ ପଞ୍ଚାୟତର ବହୁ ପୁରୁଷ ଓ ମହିଳା କର୍ମକର୍ତ୍ତା ଏବଂ ନେତୃମଣ୍ଡଳୀ ଉପସ୍ଥିତ ରହି ସହଯୋଗ କରିଥିଲେ।

■ ଏଆଇଏଫ୍‌ଏଫ୍ ଉପ-କନିଷ୍ଠ ଲିଗ୍

# ମିନର୍ଭା ଏକାଡେମୀ ଚାମ୍ପିଅନ

**କଟକ, ୨୪।୫(ସମିସ):** ଖେଳାଯାଇଥିବା ସର୍ବ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଉପ- କନିଷ୍ଠ ଲିଗ୍‌ରେ ମିନର୍ଭା ଏକାଡେମୀ ଏଫ୍‌ସି ଏଥର ଚାମ୍ପିଅନ ହୋଇଛି। ଭୁବନେଶ୍ୱର କ୍ୟାପିଟାଲ ଫୁଟବଲ ଏରିନାରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ମିନର୍ଭା ୭-୪ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ମିନର୍ଭା ତରଫରୁ ଅଧିନାୟକ କୋଣ୍ଠୋଉଜାମ ଦେନାମନୀ ୨୬, ୪୧, ୪୫ତମ ମନିଟ୍‌ରେ ଓ ମହମ୍ମଦ ଆଜମ ଖାନ୍ ୩୮, ୩୯, ୫୨ତମ ମିନିଟ୍ ୩ଟି ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ଦଳ ତରଫରୁ ୱାଙ୍ଖେରାଖପାମ୍ ମେତେଇ ଗୋଟିଏ ଗୋଲ ଦେଇଥିଲେ। ଅପରପକ୍ଷରେ ବେଙ୍ଗାଲୁରୁ ତରଫରୁ ମହମ୍ମଦ ସୋହେଲ ଖାନ୍, ଆକାଶ ମଣ୍ଡଳ, ସିଏଚ୍ ସାକିପ ଓ ୟାଜାସ ନୀଲେସ ବାଫନା ଯଥାକ୍ରମେ ୧୨, ୪୪, ୨୧ ଓ ୩୪ ତମ ମିନିଟ୍‌ରେ ଗୋଲ ଦେଇଥିଲେ।



ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ସୟଦ ସବୀର ପାଶା, ପୂର୍ବତନ ଭାରତୀୟ ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରାଜ୍ୟ କ୍ରୀଡ଼ା ବିଭାଗ ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପଲ, ବୈଷୟିକ ନିର୍ଦ୍ଦେଶକ ସୁରଜିତ ଘୋଷ, ମହିଳା ଫୁଟବଲ ସଭାପତି ସହଦେବ ରାଉତ ଓ ସଦସ୍ୟ ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ଆହୁରି ସହଜ ହୋଇଛି ଅନ୍ୟ ଦେଶ ସହ ସମ୍ପର୍କ

# ବିଦେଶକୁ ଡାକରେ ଯାଉଛି ପାମ୍ପଡ଼, ବଡ଼ି

ଭୁବନେଶ୍ୱର, ୨୪।୫(ସମିସ)

କିଛିବର୍ଷ ପୂର୍ବେ ବିଦେଶରେ ରହୁଥିବା ସମ୍ପର୍କୀୟଙ୍କ ନିକଟକୁ କୌଣସି ସାମଗ୍ରୀ, ଖାଦ୍ୟ ତଥା ପୋଷାକ ପଠାଇବା ହେଲେ ମାସାଧିକ କାଳ ଲାଗୁଥିଲା। କିନ୍ତୁ

- କମ୍ ସମୟରେ ସୁବିଧା ଯୋଗାଉଛି ବିଦେଶ ଡାକଘର
- ସର୍ବାଧିକ ରପ୍ତାନି ହେଉଛି ହସ୍ତଶିଳ୍ପ, ହସ୍ତତନ୍ତ୍ର ସାମଗ୍ରୀ






ଆଜିର ଦିନରେ ଏହାକୁ ସହଜ କରିବା ପାଇଁ ଡାକ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ବିଦେଶ ଡାକସେବା। ଏବେ ଓଡ଼ିଶା ତଥା ଆମ ରାଜଧାନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଷ୍ଟେଟ୍ ଫରେନ୍ ପୋଷ୍ଟାଲ ପ୍ରିଣ୍ଟିଙ୍ଗ ପ୍ରେସ୍ କମ୍ପ୍ଲେକ୍ସରେ ବିଦେଶ ଡାକଘର ଖୋଲାଯାଇଛି। ଏହି ଡାକ ମାଧ୍ୟମରେ ଓଡ଼ିଶାରୁ ବିଭିନ୍ନ ସାମଗ୍ରୀ ବିଦେଶ ପଠାଯାଇପାରୁଛି। ପୂର୍ବରୁ ଆମ ଦେଶର କୋଲକାତା, ଚେନ୍ନାଇ, ଦିଲ୍ଲୀ, ମୁମ୍ବଇ ଆଦି ମେଟ୍ରୋ ସିଟିଗୁଡ଼ିକରେ ବିଦେଶ ଡାକଘର ଥିଲା ଓ ପରେ କୋଚି, ରାଜସ୍ଥାନ ଓ ନୂଆଦିଲ୍ଲୀରେ ଶାଖା ଖୋଲିଥିଲା। ଓଡ଼ିଶାରୁ ବିଦେଶକୁ ଜିନିଷ ପଠାଇବାକୁ ହେଲେ କୋଲକାତା ଡାକଘର ସାହାଯ୍ୟରେ ହିଁ ପଠାଇବାକୁ ପଡୁଥିଲା। କୋଲକାତାରେ କଷ୍ଟମ୍ ଯାଞ୍ଚ ପାଇଁ ୨ ରୁ ୩ ଦିନ ସେଠାରେ ଯାଞ୍ଚ କାର୍ଯ୍ୟ ହେଉଥିଲା। ଏହାପରେ ସେଠାରୁ କ୍ଲିଅରାନ୍ସ ହୋଇ ବିଦେଶ ପଠାଇବାରେ ଆହୁରି ୧୦ରୁ ୨୦ଦିନ ଲାଗୁଥିଲା। ବିଦେଶରେ ଥିବା ଧାର୍ଯ୍ୟ ଠିକଣାରେ ପହଞ୍ଚିବା ଲାଗି ପାଖାପାଖି ମାସେ କିମ୍ବା ତା'ଠାରୁ ଅଧିକ ସମୟ ଲାଗି ଯାଉଥିଲା। ଭୁବନେଶ୍ୱରରେ ବିଦେଶ ଡାକଘର ଖୋଲିବା ପରେ ଏବେ କଷ୍ଟମ୍ କ୍ଲିୟରାନ୍ସ ଓ ବୁକିଂ ଗୋଟିଏ ଦିନରେ ହୋଇଯାଉଛି। ମାତ୍ର ୧୦ଦିନରେ ହିଁ ଠିକଣାସ୍ଥଳରେ ଚିଠି ଓ ଜିନିଷ ପହଞ୍ଚିପାରୁଛି। ଏହି ପ୍ରକ୍ରିୟା ୨୦୧୯ ଜୁଲାଇରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା। ପୂର୍ବରୁ ଲୋକ ଏହି ସୁବିଧା ବିଷୟରେ ଅବଗତ ନ ଥିଲେ ହେଲେ ବର୍ତ୍ତମାନ ସାଧାରଣ ଲୋକ ଖୁବ କମ ସମୟରେ ଓ ସହଜରେ ବିଦେଶରେ ରହୁଥିବା ନିଜ ସମ୍ପର୍କୀୟଙ୍କ ପାଖକୁ ଜରୁରୀ କାଗଜପତ୍ର, ଖାଦ୍ୟ ଆଦି ପଠାଇପାରୁଛନ୍ତି। ଏହି କ୍ଲିଅରାନ୍ସ କାର୍ଯ୍ୟ ପାଇଁ ଏଠାରେ କଷ୍ଟମ ଅଫିସର ତଥା ଜଣେ ସୁପରିନ୍‌ଟେଣ୍ଡେଣ୍ଟ ଓ ଜଣେ ଇନ୍ସପେକ୍ଟର ଅଛନ୍ତି। ସେମାନେ ବୁକିଂ କରି ସାମଗ୍ରୀଗୁଡ଼ିକୁ ଦେଶ ଅନୁଯାୟୀ ବିଭାଗୀକରଣ କଲାପରେ ବିମାନବନ୍ଦର ପଠାଉଛନ୍ତି। ସେଠାରୁ କୋଲକାତା ଯାଉଛି କିନ୍ତୁ ବୁକିଂ ଏବଂ ଯାଞ୍ଚ କାମ ସବୁ ଏଠାରୁ ହିଁ ହୋଇଯାଉଛି। ଏହି ସବୁ ପ୍ରକ୍ରିୟା ଦେଇଗଲାବେଳେ ପ୍ରେରକ ପଠାଇଥିବା ସାମଗ୍ରୀକୁ ଡାକ ବିଭାଗର ଅନ୍‌ଲାଇନ୍ ଆପ ମାଧ୍ୟମରେ କେଉଁ କେଉଁ ରାସ୍ତା ଦେଇଗଲା ପ୍ରେରକ ନିଜେ ଟ୍ରାକ୍ କରିପାରିବେ। କିନ୍ତୁ ଲୋକେ ଯେଉଁ ସାମଗ୍ରୀ ପଠାଇବେ ତାହାର ମଧ୍ୟ ଏକ ନିର୍ଦ୍ଧାରିତ ଓଜନ ଏବଂ ପରିମାଣ ରହିଛି। ତେବେ ତୈଳ ଜାତୀୟ ପଦାର୍ଥ ବିଦେଶକୁ ପଠାଇବାରେ କଟକଣା ରହିଛି। ଏହା ବ୍ୟତୀତ ଯେକୌଣସି ଜରୁରୀ କାଗଜପତ୍ର, ପୋଷାକ ଓ ଶୁଖିଲା ଖାଦ୍ୟ ଲୋକ ନିଜ ସମ୍ପର୍କୀୟଙ୍କ ନିକଟକୁ ସହଜରେ ପଠାଇ ପାରୁଛନ୍ତି। ଅନ୍‌ଲାଇନ୍‌ରେ ଟଙ୍କା ପୈଠ କରିବାର ସୁବିଧା ରହିଛି। ଇଣ୍ଟର୍‌ନ୍ୟାସନାଲ ମେଲ୍ ବିଜ୍‌ନେସ୍ ସେଣ୍ଟର ମାଧ୍ୟମରେ ବିଭିନ୍ନ ପ୍ରକାରର ବିଦେଶ ସାମଗ୍ରୀ ବୁକିଂ କରି ହେଉଛି। ବିଦେଶ ଡାକଘର ମାଧ୍ୟମରେ ଓଡ଼ିଶାରୁ ବିଦେଶକୁ ଆମ୍ବ, ପାମ୍ପଡ଼, ଅଁଳା, ପୋଷାକ ଓ ସବୁଠୁ ଅଧିକା ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତ୍ର ସାମଗ୍ରୀ ପଠାଯାଉଛି। ସରକାରୀ କାର୍ଯ୍ୟ ଦିବସରେ ୧୦ଟାରୁ ୬ଟା ଯାଏ ଖୋଲା ରହୁଛି ଏହି ଡାକଘର। କଷ୍ଟମ୍ ବିଭାଗ ପକ୍ଷରୁ ସାମଗ୍ରୀଗୁଡ଼ିକର ଏକ୍ସରେ ସ୍କାନର୍ ବ୍ୟବସ୍ଥା ରହିଛି। ଅନ୍ତର୍ଜାତୀୟ ପାର୍ସଲ ପାଇଁ ୨୦ କିଲୋଗ୍ରାମ୍ ଓ ସ୍ପିଡ୍ ପୋଷ୍ଟ ପାଇଁ ୩୦ କିଲୋଗ୍ରାମ୍ ଯାଏ ସାମଗ୍ରୀ ପଠାଇବାର ଅନୁମତି ରହିଛି। ଓଜନ ହିସାବରେ ବୁକିଂର ଅର୍ଥ ରାଶି ପୈଠ କରିବାକୁ ପଡ଼ିଥାଏ। ଲୋକ କିପରି ସୁବିଧାରେ ଓ କମ୍ ସମୟରେ ନିଜ ସମ୍ପର୍କୀୟଙ୍କ ପାଖରେ ଜରୁରୀ ଜିନିଷ ପଠାଇପାରିବେ ତାହା ହିଁ ବିଦେଶ ଡାକଘରର ଲକ୍ଷ୍ୟ ବୋଲି ବିଦେଶ ଡାକଘରର ଆରଏମ୍‌ଏସ ଏନ. ଡିଭିଜନର ବରିଷ୍ଠ ସୁପରିନ୍‌ଟେଣ୍ଡେଣ୍ଟ ଅପରିଜିତ ପଟ୍ଟନାୟକ କହିଛନ୍ତି।

## ସମ୍ଭାବ୍ୟ ବର୍ଷା ପାଇଁ ବିଏମ୍‌ସିର ପ୍ରସ୍ତୁତି

ଭୁବନେଶ୍ୱର, ୨୪।୫(ସମିସ): ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତା ୨୬ ଏବଂ ୨୭ ତାରିଖରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରେ ଏଯାବତ କୌଣସି ବିପଦ ସୂଚନା ନ ଥିଲେ ମଧ୍ୟ ସାମ୍ଭବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ବିଏମ୍‌ସି ପକ୍ଷରୁ ଏଥିପାଇଁ ଏକ ଦୁଇଦିନିଆ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବ। ନଗର ଯନ୍ତ୍ରୀ ବିଳାସ କୁମାର ବେହେରାଙ୍କ ଅଧକ୍ଷତାରେ ଏକ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯିବାର ବ୍ୟବସ୍ଥା ହୋଇଛି। ଆସନ୍ତା ୨୬ ତାରିଖରୁ ଏହି କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକରିବ। ଡ୍ରେନେଜ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ଏହାର ମୁଖ୍ୟ ଦାୟିତ୍ୱରେ ରହିବେ। ଜଳବନ୍ଦୀଜନିତ ସମସ୍ୟା ସୃଷ୍ଟି ହେଲେ ନାଗରିକମାନେ ୧୯୨୯କୁ କଲ୍ କରିବେ। ନଚେତ୍ ଏକ ସ୍ୱତନ୍ତ୍ର ଫୋନ୍ ନମ୍ବର ୭୮୦୯୮୯୬୬୨୧କୁ ଭୁବନେଶ୍ୱରବାସୀ ଯୋଗାଯୋଗ କରିପାରିବେ। ବର୍ଷାର ଗତିବିଧି ଅନୁସାରେ ଏହି କଣ୍ଟ୍ରୋଲ୍ ରୁମ୍‌ର ଅବଧିକୁ ବଢ଼ାଯାଇପାରେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ବିଏମ୍‌ସି ଅଞ୍ଚଳରେ ମୋଟ ୫୬ଟି ଜଳବନ୍ଦୀ ଅଞ୍ଚଳ ଚିହ୍ନଟ କରାଯାଇଛି। ଏହି ଅଞ୍ଚଳରେ ଆବଶ୍ୟକ ପରିମାଣର ଜଳନିଷ୍କାସନ ପମ୍ପ ସେଟ୍ ପ୍ରସ୍ତୁତ ରହିଛି। ଆବଶ୍ୟକ ପଡ଼ିଲେ ଅଗ୍ନିଶମ ବିଭାଗର ସହଯୋଗ ନିଆଯିବ ବୋଲି କୁହାଯାଇଛି। ଜିରୋ କାଜୁଆଲିଟି, ତୁରନ୍ତ ଉଦ୍ଧାର ଏବଂ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଉପରେ ଗୁରୁତ୍ୱ ଦିଆଯିବ। ପରିମଳ ଏବଂ ଅନ୍ୟାନ୍ୟ ସେବା ନିମନ୍ତେ ଟିମ୍ ବିଏମ୍‌ସି ସଜାଗ ରହିଛି।

- ୫୬ଟି ଜଳବନ୍ଦୀ ଅଞ୍ଚଳ ଚିହ୍ନଟ
- ୨୬ରୁ କାମକରିବ କଣ୍ଟ୍ରୋଲ୍ ରୁମ୍

### ମହଙ୍ଗା ପଡ଼ିଲା ଦଳବିରୋଧୀ କାର୍ଯ୍ୟ

## ବିଜେଡିରୁ ଦେବୀ ବହିଷ୍କୃତ

ଭୁବନେଶ୍ୱର, ୨୪।୫(ସମିସ): ନିର୍ବାଚନର ଦିନକ ପୂର୍ବରୁ ଏକାମ୍ର ନିର୍ବାଚନ ମଣ୍ଡଳୀ ସୁନ୍ଦରପଦା ଅଞ୍ଚଳର ଦେବୀ ପ୍ରସାଦ ନନ୍ଦଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲଟି ଅଞ୍ଚଳରେ ସେ ପୂର୍ବରୁ କର୍ପୋରେଟର୍ ଥିଲେ। ଚଳିତ ନିର୍ବାଚନ ପ୍ରଚାର ସମୟରେ ଦେବୀ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ନେଇ ଅଭିଯୋଗ ହୋଇଥିଲା। ବିରୋଧୀଙ୍କ ସହ ତାଙ୍କ ଘନିଷ୍ଠତା ବଢ଼ିଥିଲା। ଏହା ଜଣାପଡ଼ିବା ପରେ ଦଳ ବରିଷ୍ଠ ନେତୃତ୍ୱଙ୍କ ପାଖରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ତାଙ୍କୁ ବିଧିବଦ୍ଧ ଭାବେ ବହିଷ୍କାର କରାଯାଇଛି। ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ବହିଷ୍କାର କରିଛନ୍ତି।

## ବନ୍ଦ ଘରୁ ମିଳିଲା ବିଜ୍ଞାନ ଛାତ୍ରଙ୍କ ମୃତଦେହ

ଭୁବନେଶ୍ୱର, ୨୪।୫ (ସମିସ): ସାଲିଆ ସାହି ଜନତା ନଗରରେ ଥିବା ଏକ ଘର ଭିତରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ମୈତ୍ରୀ ବିହାର ଥାନା ପୁଲିସ। ମୃତକ ହେଉଛନ୍ତି ଭଞ୍ଜନଗର ସାଗର ବିଷୋୟୀ। ସେ ବିଜୁ ପଟ୍ଟନାୟକ କଲେଜରେ ଯୁକ୍ତ ୩ ବିଜ୍ଞାନରେ ପଢୁଥିଲେ। ମିଳିଥିବା ସୂଚନା ଅନୁସାରେ, ସାଗର ସ୍ଥାନୀୟ ଜନତା ନଗରରେ ଘରଭଡ଼ା ନେଇ ରହିବା ସହିତ ବିଜୁ ପଟ୍ଟନାୟକ କଲେଜରେ ପଢୁଥିଲେ। ଦୁଇ ଦିନ ପୂର୍ବ ରାତିରେ ପରିବାର ଲୋକଙ୍କ ସହିତ କଳହ ହୋଇଥିଲା। ସେବେଠାରୁ କାହାରି ଫୋନ୍ ଉଠାଉ ନ ଥିଲେ। ଗୁରୁବାର ପଡ଼ୋଶୀମାନେ ବାହାରୁ କବାଟ ବାଡ଼େଇଥିଲେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ଶୁକ୍ରବାର ସକାଳୁ ଘର ଭିତରୁ କବାଟ ଫାଙ୍କ ଦେଇ ରକ୍ତ ବୋହି ଥିଲା। ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ସାଇଣ୍ଟିଫିକ ଟିମ୍ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। କବାଟ ଭାଙ୍ଗି ଘର ଭିତରେ ପଶିବା ବେଳକୁ ସାଗରଙ୍କ ଝୁଲନ୍ତା ମୃତଦେହ ଦେଖିଥିଲା। ସେ ବେକରେ ଦଉଡ଼ି ଲଗାଇ ଆଜବେଷ୍ଟସର ଲୁହା ଅଙ୍ଗେଲରେ ଝୁଲି ପଡ଼ିଥିଲେ। ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଥିଲା ପୁଲିସ। ଜଣେ ମହିଳା ତାଙ୍କୁ ହଇରାଣ କରିବା ସହିତ ଜଣେ ଅଧାପିକାଙ୍କ ମାଧ୍ୟମରେ ତାଙ୍କ ଉପରେ ମାନସିକ ଚାପ ପକାଉଥିଲେ ବୋଲି ଚିଠିରେ ଉଲ୍ଲେଖ ରହିଛି। ମହିଳାଙ୍କ ଏପରି କାରନାମା ଯୋଗୁଁ ସେ ମାନସିକ ଅବସାଦରେ ଥିବା ଚିଠିରୁ ସ୍ପଷ୍ଟ ହୋଇଛି। ତେବେ ଚିଠିଟି ସାଗର ଲେଖିଛନ୍ତି କି ନାହିଁ ସେନେଇ ପୁଲିସ ତଦନ୍ତ କରୁଛି । ଏଥିସହିତ ଚିଠିଟିକୁ ହ୍ୟାଣ୍ଡ ରାଇଟିଂ ବ୍ୟୁରୋକୁ ପଠାଯିବ ବୋଲି ଜଣାପଡ଼ିଛି। ସେପଟେ ପ୍ରଦୀପ ସେବା ଟ୍ରଷ୍ଟ ସହାୟତାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ଲାଗି କ୍ୟାପିଟାଲ୍ ହସ୍ପିଟାଲ୍‌କୁ ପଠାଇଥିଲା। ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

- ମିଳିଲା ସୁଇସାଇଡ ନୋଟ୍
- ମାନସିକ ଚାପ ସହି ନ ପାରି ଆତ୍ମହତ୍ୟା

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୨୪।୫ (ସମିସ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସମ୍ପର୍କ ବିହାରରେ ଅଘଟଣ ଘଟିଛି। ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ସମ୍ପର୍କ ବିହାରର ବାନାମ୍ବର ନାୟକଙ୍କ ରୋଷେଇ ଘରେ ଥିବା ଗ୍ୟାସ୍ ସିଲିଣ୍ଡର କୌଣସି କାରଣରୁ ଲିକ୍ ହୋଇଥିଲା। ରୋଷେଇ କରିବାକୁ ନିଆଁ ଲଗାଇବା ବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ରୋଷେଇ ଘରେ ଥିବା ସମସ୍ତ ଜିନିଷପତ୍ର ପୋଡ଼ି ଯାଇଥିଲା। ଖବରପାଇ ଚନ୍ଦ୍ରଶେଖରପୁର ଫାୟାର ଷ୍ଟେସନରୁ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। କିଛି ସମୟର ଚେଷ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି ।

## ଫ୍ୟାନରେ ଝୁଲି ମହିଳାଙ୍କ ଆତ୍ମହତ୍ୟା

ବାଲିଅନ୍ତା,୨୪।୫(ସମିସ): ବାଲିଅନ୍ତା ଥାନା ଅଧୀନ ଡିପଟି ସାହିର ଶରତ ସାହୁଙ୍କ ପତ୍ନୀ ରୋଜାଲିନ ସାହୁ (୪୨) ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ବାଳକାଟି ଫାଣ୍ଡି ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ଆଜି ଦିନ ୨ଟା ବେଳେ ରୋଜାଲିନ୍ ଫ୍ୟାନରେ ଝୁଲି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ସଂକଟାପର୍ଣ୍ଣ ଅବସ୍ଥାରେ ହସ୍ପିଟାଲ ନେଇଥିଲେ।

### ଜାତୀୟ ନାଟ୍ୟ ମହୋତ୍ସବରେ 'ମାଗୁଣିର ଶଗଡ଼'

## ଶଗଡ଼ ଗଲା, ବଳଦ ମଲା

ଭୁବନେଶ୍ୱର, ୨୪।୫(ସମିସ)



ବିଦ୍ୟା କନକ ସୃଜନାନୁଷ୍ଠାନ ପକ୍ଷରୁ 'ଷଷ୍ଠ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୪' ରବୀନ୍ଦ୍ରମଣ୍ଡପରେ ଆରମ୍ଭ ହୋଇଛି। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ନାଟ୍ୟ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ଓଡ଼ିଆ ନାଟକ 'ମାଗୁଣିର ଶଗଡ଼'। ଅନୁଷ୍ଠାନର କାହାଣୀକାର ଗୋଦାବରୀଶ ମହାପାତ୍ରଙ୍କ ରଚିତ, ନବୀନ କୁମାର ପରିଡ଼ାଙ୍କ ନାଟ୍ୟ ରୂପାନ୍ତରିତ ଏବଂ ଜଗଦିଶ୍ ପ୍ରସାଦ ମହାରଣାଙ୍କ ନିର୍ଦ୍ଦେଶିତ ଏହି ନାଟକର କାହାଣୀ ଅନୁସାରେ, ସମୟର ଚକ ନିରନ୍ତର ଘୂରି ବୁଲୁଥାଏ, ମାଗୁଣି ଶଗଡ଼ର ଚକ ପରି। ତା ସାଙ୍ଗରେ ତାଳଦେଇ ଆଗକୁ ଆଗକୁ ଗଡ଼ିଚାଲେ ପ୍ରଗତିର ଚକ। ସେହି ପ୍ରଗତିଶୀଳ ରଥଚକ ଦିନେ ଶିଳ୍ପ ବିପ୍ଳବକୁ ସ୍ୱାଗତ କରି ଆଣିଥିଲା। କ୍ରମେ ସେହି ପ୍ରଗତିର ହାତ ଧରି ପଛକୁ ପଛ ଆମ ସମାଜ ଭିତରକୁ ଭିନ୍ନ ଭିନ୍ନ ରୂପରେ ପଶି ଆସିଲେ ଅନେକ ଯନ୍ତ୍ର ଦାନବ। ଆମେ ଦେଖିଲୁ ଆମ ଆଖି ଆଗରୁ ଶଗଡ଼ ସହିତ ତାର ବଳଦ ବି ଗାଁ ଦାଣ୍ଡରୁ ଉଭେଇଗଲା। ଆଉ ମାଗୁଣି ଭଳି କେତେ ନିରୀହ ମଣିଷ ସବୁ ପ୍ରଗତିର ସେହି ରଥଚକ ତଳେ ପେଶି ହୋଇ ମରି ହଜି ଗଲେ। ଏବେ ସେହି ପ୍ରଗତି ମହାକାଳ ଭଳି ପାଟି ଆଁ କରି ସମଗ୍ର ମାନବ ସଭ୍ୟତାକୁ ଗ୍ରାସ କରିବାକୁ ବସିଛି। ଏଭଳି ପ୍ରଗତିର ରଥଚକ ଯଦି ଅନ୍ଧ ଭଳି ମାଡ଼ିଚାଲେ ତା' ହେଲେ କିଏ ଜାଣେ କାଲି ଏ ପୃଥିବୀରେ ଆଉ ମଣିଷ ନ ଥିବେ। ଆମେ ନିଜକୁ ଏମିତି ଏକ ଦୋଛକିରେ ଛିଡ଼ା କରାଇ ଦେଇଛୁ ଯେ, ଆମ ଆଗରେ ବିକାଶର ମନ୍ତ୍ରମୁଗ୍ଧ, ଆକର୍ଷଣୀୟ ଅପରୂପ ଜଳ ଭଉଁରୀ। ତଥାପି ଆଗକୁ ମାଡ଼ି ଚାଲିଛୁ, ଅଥଚ ପଛକୁ ଫେରିବାର ଉପାୟ ନାହିଁ। ଏଥର ନିସ୍ତାର ପାଇବାର ବାଟ କିଛି ମଳନ୍ତା କି, ଆମ ମାଗୁଣି କାନରେ ଯାଇ କହିଦେଇ ଆସନ୍ତେ, ବଞ୍ଚିଥାଆନ୍ତା ଯଦି ବିଚରା ମାଗୁଣି ଆଉ ତା'ର କାଳିଆ କଷରା ଭଳିଆ ବଳଦମାନେ। ନାଟକଟି ଉପସ୍ଥିତ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ପ୍ରଥମ ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ, ନାଲ୍‌କୋ ମହିଳା ମଣ୍ଡଳ ସଭାପତି ସସ୍ମିତା ପାତ୍ର, ଓଡ଼ିଶା ନାଟ୍ୟସଂଘ ସଭାପତି ମନୋଜ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଜଗଦୀଶ ପ୍ରସାଦ ମହାରଣା ଏବଂ ପବିତ୍ର ମହାନ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶୁଭକାନ୍ତ ପାଢ଼ୀ।

## ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର, ୨୪।୫ (ସମିସ): ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଖରଚଣ୍ଡୀ ନଗରର ସୋନୁ ବେହେରା (୧୯)। ପୁଲିସ ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ସୋନୁ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଥିଲା। ଗତ ୧୫ ତାରିଖରେ ଘରେ କେହି ନ ଥିବା ସୁଯୋଗ ନେଇ ସୋନୁ ନାବାଳିକାଙ୍କୁ ଅପହରଣ କରି ନେବା ସହିତ ତାଙ୍କର ଇଚ୍ଛା ବିରୋଧରେ ବାରମ୍ବାର ଦୁଷ୍କର୍ମ କରିଥିଲା। ଝିଅକୁ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କର କିଛି ଖୋଜ ଖବର ନ ମିଳିବାରୁ ତାଙ୍କ ମାଆ ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରିବା ସହିତ ଗତ ୧୯ ତାରିଖରେ ଖୋର୍ଦ୍ଧାସ୍ଥିତ ମଧୁପୁର ଅଞ୍ଚଳରେ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ହେଲେ ସୋନୁ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିବା। ଶୁକ୍ରବାର ସୋନୁକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।



### ଟିକାକରଣ ବନ୍ଦ

# ଗୋ-ଚାଷୀଙ୍କ ଚିନ୍ତା ବଢ଼ାଉଛି ଥାଇଲେରିଆ

ଭୁବନେଶ୍ୱର, ୨୪।୫(ସମିସ)

ରାଜ୍ୟରେ ତିନିରୁ ଚାରି ବର୍ଷ ପୂର୍ବେ ପଶୁ ଚିକିତ୍ସାଳୟଗୁଡ଼ିକରେ ଥାଇଲେରିଆ ରୋଗ ନିରାକରଣ ପାଇଁ ବ୍ୟାପକ ଟିକାକରଣ କରାଯାଉଥିଲା। ଫଳରେ ଗୋରୁଙ୍କ ଠାରେ ଦେଖାଯାଉଥିବା ଥାଇଲେରିଆ ରୋଗ ଏକପ୍ରକାର ନିୟନ୍ତ୍ରିତ ହୋଇ ରହିଥିଲା। ହାଇଦରାବାଦସ୍ଥିତ ଇଣ୍ଡିଆନ୍ ଇମ୍ୟୁନୋଲୋଜିକାଲସ୍ ଲିମିଟେଡ୍ ଏହି ଟିକାକୁ ପ୍ରସ୍ତୁତ କରିଥିଲା। ଡ୍ରଗ୍ କଣ୍ଟ୍ରୋଲ ଜେନେରାଲ ଅଫ୍ ଇଣ୍ଡିଆ ଏବଂ ଟିକା ପ୍ରସ୍ତୁତକାରୀ କମ୍ପାନୀ ମଧ୍ୟରେ ଏହି ଟିକାକୁ ନେଇ ଏକ ବିବାଦ ଆରମ୍ଭ ହେଲା। ଫଳରେ ଥାଇଲେରିଆ ଟିକାର ଉତ୍ପାଦନ ହେଲା ନାହିଁ। ରାଜ୍ୟ ସରକାରଙ୍କୁ ଆଉ ଟିକା ମିଳିଲା ନାହିଁ। ସେପଟେ ଟିକାକରଣ ବନ୍ଦ ହେବାରୁ ରାଜ୍ୟରେ ଥାଇଲେରିଆ ରୋଗ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହା ଉଭୟ ଚାଷୀ ଏବଂ ପଶୁ ଚିକିତ୍ସକଙ୍କ ଚିନ୍ତା ବଢ଼ାଉଛି।

ମିଳିଥିବା ସୂଚନା ମୁତାବକ, ଫୁଲନଖରାସ୍ଥିତ ପଶୁ ରୋଗ ଗବେଷଣା ଅନୁଷ୍ଠାନ ଏବଂ ପ୍ରଶିକ୍ଷଣ କେନ୍ଦ୍ରକୁ ପ୍ରତ୍ୟେକ ମାସରେ ବହୁ ସଂଖ୍ୟାରେ ନମୁନା ରାଜ୍ୟର ବିଭିନ୍ନ ସ୍ଥାନରୁ ପରୀକ୍ଷା ପାଇଁ ଆସୁଛି। ଗତ ଏପ୍ରିଲ ମାସରେ କେବଳ ୨ହଜାର ପାଥୋଲୋଜିକାଲ ନମୁନା ଏଠାରେ ପରୀକ୍ଷା କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳ ହୋଇଥିବାରୁ ଏଠାରେ ଗୋରୁଙ୍କ ସଂଖ୍ୟା କମ୍। ଏହାସତ୍ତ୍ୱେ ପ୍ରତ୍ୟେକ ମାସରେ ୫୦ରୁ ୬୦ ଗୋରୁଙ୍କ ଠାରେ ଥାଇଲେରିଆ ରୋଗ ଚିହ୍ନଟ କରାଯାଉଛି। ଗ୍ରାମାଞ୍ଚଳରେ ଏହାର ସଂଖ୍ୟା ବହୁ ଅଧିକ ବୋଲି ପଶୁ ଚିକିତ୍ସକମାନେ କହିଛନ୍ତି।

ପାରାସାଇଟ୍ ଯୋଗୁଁ ଥାଇଲେରିଆ ରୋଗ ହୋଇଥାଏ। ଗୋରୁଙ୍କ ଠାରେ ଦେଖାଦେଉଥିବା ଟିଙ୍କ ଦ୍ୱାରା ଏହି ପାରାସାଇଟ୍ ଗୋରୁଙ୍କ ଶରୀରରେ ପ୍ରବେଶ କରେ। ପରେ ଏହା ସିଧାସଳଖ ରକ୍ତକଣିକା(ଆର୍‌ବିସି)କୁ କ୍ଷତି ପହଞ୍ଚାଇଥାଏ। ଫଳରେ ଗୋରୁଙ୍କୁ ଜ୍ୱର ହେବା ସହ ସ୍ୱାସ୍ଥ୍ୟ ଦୁର୍ବଳ ହୋଇଯାଏ। ଆଣ୍ଠୁଗଣ୍ଠି ବିନ୍ଧା ହୋଇଥାଏ। ଦୁଗ୍ଧ ଉତ୍ପାଦନ କ୍ଷମତା କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯିବାରୁ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଗୋରୁ ପରବର୍ତ୍ତୀ ସମୟରେ ବିଭିନ୍ନ ରୋଗରେ ପଡ଼ି ମୃତ୍ୟୁବରଣ କରିଥାଆନ୍ତି। ତେବେ ଉଚିତ୍ ସମୟରେ ରୋଗର ଚିହ୍ନଟ କରାଯାଇ ପାରିଲେ ଏହାର ଚିକିତ୍ସା ବ୍ୟବସ୍ଥା ରହିଛି, ଯାହା ଦ୍ୱାରା ରୋଗ ଭଲ ହୋଇପାରିବ।

ସେପଟେ ଟିକାକରଣ ବନ୍ଦ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଗଲା। ଏହି ବ୍ୟବସ୍ଥା ଅନୁଯାୟୀ ଟିଙ୍କ ମାରିବା ଉପରେ ଗୁରୁତ୍ୱ ଦିଆଗଲା। ଗୋରୁଙ୍କ ଦେହରେ ଟିଙ୍କ ମରା ଔଷଧ ଲଗାଇବାକୁ ପଶୁପାଳକଙ୍କୁ ସୁପାରିଶ କରାଯାଉଛି। ଏହା ସତ୍ତ୍ୱେ ମଧ୍ୟ ଥାଇଲେରିଆ ରୋଗ ଧୀରେ ଧୀରେ ବଢ଼ିବାରେ ଲାଗିଛି। ପ୍ରତିଷେଧକ ବ୍ୟବସ୍ଥା ସହ ଟିକାକରଣ ଆରମ୍ଭ ହେଲେ ଥାଇଲେରିଆକୁ ମୁକାବିଲା କରିବା ଅଧିକ ଫଳପ୍ରଦ ହେବ ବୋଲି ପଶୁ



